ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.88 Bhubaneswar Tuesday 17 2022 | ୨୫ତମ ବର୍ଷ ସଂଖ୍ୟା–୮୮ ଭୁବନେଶ୍ୱର, ମଙ୍ଗଳବାର, ମଇ ୧୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ଜିଦ୍ ଓ ପତିଆରା ପ୍ରଦର୍ଶନର ଚକ୍ରବ୍ୟୂହରେ 'ଶ୍ରୀମନ୍ଦିର ପରିକ୍ରମା' ପ୍ରକଳ୍ପ



ଭୁବନେଶ୍ୱର,୧୬।୫(ପି.ଏନ) : ହଜାରେ ବର୍ଷ ପୁରୁଣା ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ଚତୁଃପାର୍ଶ୍ୱରରେ ସୌନ୍ଦର୍ଯ୍ୟକରଣ ଆଳରେ ଚାଲିଥିବା 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'କୁ ନେଇ ବିଭିନ୍ନ ମହଲରୁ ଉଦବେଗ ସତ୍ତ୍ୱେ ରାଜ୍ୟ ସରକାର ନିଜ ଜିଦରେ ଅଟଳ ରହି ନିର୍ମାଣ ଓ ଖନନ କାର୍ଯ୍ୟ ଜାରି ରଖିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ନିଷେଧାଂଚଳ ପରିସରରେ ଖନନ ଓ ନିର୍ମାଣ କାର୍ଯ୍ୟକୁ ନେଇ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଉଦବେଗ ବ୍ୟକ୍ତ କରୁଥିବାବେଳେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ) , ଜାତୀୟ କୀର୍ତ୍ତିରାଜି କର୍ତ୍ତୃପକ୍ଷ(ଏନଏମଏ) ଐତିହ୍ୟ ସୁରକ୍ଷା ସଂସ୍ଥା 'ଇନଟାକ୍' ଓ ଅନ୍ୟ ସଂସ୍ଥାଗୁଡିକ ମଧ୍ୟ ଏହି ନିର୍ମାଣ କାର୍ଯ୍ୟକୁ ସାମୟିକ ବନ୍ଦ ରଖିବାକୁ ଅପିଲ୍ କରୁଛନ୍ତି । ତଥାପି ଜିଦ୍ , ଅହଙ୍କାର ଓ ପତିଆରା ପ୍ରଦର୍ଶନ ଆଳରେ ରାଜ୍ୟ ସରକାର ଏସବୁ ପ୍ରତି ଆଖି ବୁଜି ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଚାରିପଟେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । କୋଟି କୋଟି ଓଡିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତି ବିପଦକୁ ନେଇ ଭକ୍ତ ଓ ବିଭିନ୍ନ ସଂସ୍ଥାଙ୍କ ମନରେ ଆଶଙ୍କା ଲାଗି ରହିଥିବାବେଳେ ସେସବୁ ଦୂର ନକରି ରାଜ୍ୟ ସରକାର ସେଠାରେ କାହିଁକି ନିର୍ମାଣ ଓ ଖନନ କାର୍ଯ୍ୟକୁ ଜୋରସୋରରେ ଜାରି ରଖିଛନ୍ତି ତାହା ଏବେ ସବୁଠୁ ବଡ ପ୍ରଶ୍ନ ପାଲଟିଛି ।ସୂଚନା ଅନୁସାରେ, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଚାରିପଟେ ଚାଲିଥିବା ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଚଳିତ ରଥଯାତ୍ରା ପୂର୍ବରୁ ଶେଷ କରିବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ କାମ ଜାରି ରହିଛି । କେବଳ ଅଭ୍ୟର୍ଥନା ପ୍ରକୋଷ୍ଠକୁ ଛାଡି ବାକି ପ୍ରୋଜେକ୍ଟ ରିପୋର୍ଟ ମୁତାବକ ସବୁ ନିର୍ମାଣ କାର୍ଯ୍ୟ ସାରିବା ନିମନ୍ତେ ଏବେ ଟାଟା ପ୍ରୋଜେକ୍ଟ ଉପରେ ଚାପ ପଡୁଥିବା ଜଣାପଡିଛି । ଶ୍ରୀମନ୍ଦିରର ଦକ୍ଷିଣପୂର୍ବ ଦିଗରେ ପ୍ରାୟ ଅଧ ଏକର ଜମିରେ ୩ ମହଲା ବିଶିଷ୍ଟ ଅଭ୍ୟର୍ଥନା ପ୍ରକୋଷ୍ଠ ନିର୍ମାଣ କରାଯିବ । ମାତ୍ର ରଥଯାତ୍ରା ପୂର୍ବରୁ ଅଭ୍ୟର୍ଥନା ପ୍ରକୋଷ୍ଠ ନିର୍ମାଣ କାର୍ଯ୍ୟ ଶେଷ ହେବାର ସମ୍ଭାବନା କମ୍ ଥିବାରୁ ଏବେ ଶ୍ରୀମନ୍ଦିରର ୧୦୦ମିଟର ନିଷେଧାଂଚଳ ଭିତରେ ଚାଲିଥିବା ସମସ୍ତ ନିର୍ମାଣ କାର୍ଯ୍ୟକୁ ଜୁନ୍ ୨୦ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଜଣାପଡିଛି । ତେବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ କୌଣସି ବୈଧ ଅନୁମତି ନଥାଇ ରାଜ୍ୟ ସରକାର କାହିଁକି ଖନନ ଓ ନିର୍ମାଣ କାର୍ଯ୍ୟ କରୁଛନ୍ତି ତଥା କାହା ନିର୍ଦ୍ଦେଶରେ ଏସବୁ ଚାଲିଛି ସେ ନେଇ ସରକାରୀସ୍ତରରେ କେହି ମୁହଁ ଖୋଲୁନାହାନ୍ତି ।ଆଶ୍ଚର୍ଯ୍ୟର କଥା, ୨୦୨୧ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିକ୍ରମା ପ୍ରକଳ୍ପ ପାଇଁ ଭୂମିପୂଜନ କରାଯିବା ପରେ ଟାଟା ପ୍ରୋଜେକ୍ଟ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଏଏସଆଇ ଓ ଏଏନଏମ୍ ଭଳି ସଂସ୍ଥାର ବୈଧ ଅନୁମତି ଅଛି କି ନାହିଁ ତାହା କିଭଳି ଯାଂଚ୍ କଲାନି ତାହା ବି ବୁଝାପଡୁନି । ଟାଟା ପ୍ରୋଜେକ୍ଟ ଭଳି ବିଶ୍ୱସନୀୟ ସଂସ୍ଥା ଯେକୌଣସି ନିର୍ମାଣ କାର୍ଯ୍ୟ କରେ ସେଠାରେ ସମସ୍ତ ପ୍ରକାରର ବୈଧ ଅନୁମତି ରହିଛି କି ନାହିଁ ତାହା ଯାଂଚ୍ କରେ । କିନ୍ତୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କ୍ଷେତ୍ରରେ ଟାଟା ପ୍ରୋଜେକ୍ଟ କିଭଳି ଏସବୁକୁ ଉଲ୍ଲଘଂନ କଲା ?ଦ୍ୱିତୀୟତଃ, ସାଂସଦ ଅପରାଜିତା ଷଡଙ୍ଗୀ ପୂର୍ବ ସଚିବ ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କ 'କନଫିଲକ୍ଟ ଅଫ ଇଣ୍ଟରେଷ୍ଟ' ପ୍ରସଙ୍ଗ ଉଠାଇଛନ୍ତି । ସୁଚିନ୍ତିତ ଷଡଯନ୍ତ୍ର କରି ଜଣେ ଅଧିକାରୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଓଡିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ( ରାଜ୍ୟ ସରକାରୀ ଉଦ୍ୟୋଗ)ର ଅଧକ୍ଷ ଓ ପୂର୍ତ୍ତ ବିଭାଗର ସଚିବ ଦାୟିତ୍ୱ ନ୍ୟସ୍ତ ହୋଇଛି । ଅର୍ଥାତ ଠିକା କାମ ଦେଉଥିବା ଲୋକ ହିଁ ନିଜେ ଠିକାଦାର ଓ ନିଜେ ବିଲ୍ ମଞ୍ଜୁର କରିବ । ଏହା ଖୋଲାଖୋଲି ଆର୍ଥିକ ଅନିୟମିତତା । ଜଣେ ଅଧିକାରୀଙ୍କୁ ଏକକାଳୀନ ୩ଟି ଦାୟିତ୍ୱ ଦେଇ ସରକାର ନିଜକୁ ସନ୍ଦେହଘେରକୁ ଠେଲି ଦେଇଛନ୍ତି । ଏବେ ଆଇଏଏସ୍ ବୀରବିକ୍ରମ ଯାଦବ ଏହି ପଦରେ ଥିବାବେଳେ ପୂର୍ବରୁ କ୍ରିଷନ କୁମାର ସମାନ ଦାୟିତ୍ୱରେ ଥିଲେ । କିନ୍ତୁ ତୃତୀୟ ମହଲା ସହ ତାଙ୍କର ଶୀତଳଯୁଦ୍ଧ ଲାଗି ରହିବାରୁ ସେ ଏସବୁ ଦାୟିତ୍ୱରୁ ଅବ୍ୟାହତି ନେଇ ଦିଲ୍ଲୀ ପଳାଇଲେ । ତେବେ ତୃତୀୟ ମହଲା ସହ କେଉଁ କାରଣ ପାଇଁ କ୍ରିଷନ କୁମାରଙ୍କ ମତାନ୍ତର ହେଲା, ତାହା ଏବେ ବି ରହସ୍ୟ ହୋଇ ରହିଛି । ସମ୍ଭବତଃ ବୈଧ ଅନୁମତି ନଥାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ସରକାରୀ ଜିଦ୍ , ଅହଙ୍କାର ଓ ପତିଆରା ପ୍ରଦର୍ଶନକୁ ବିରୋଧ କରିବା କ୍ରିଷନ କୁମାରଙ୍କୁ ମହଙ୍ଗା ପଡିଲା ବୋଲି ସଚିବାଳୟ କରିଡରରେ ଚର୍ଚ୍ଚା ହେଉଛି ।କେବଳ ସେତିକି ନୁହେଁ, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ୨୦୨୧ ଫେବୃୟାରୀ ୨୭ରେ ବିଧାନସଭାରେ ସଂକଳ୍ପ ପାରିତ କରି ସମସ୍ତଙ୍କୁ ମତକୁ ସମ୍ମାନ ଜଣାଇ ଶ୍ରୀଜଗନ୍ନାଥ ମନ୍ଦିର ଚାରିପଟେ ଭିତ୍ତିଭୂମି ବିକାଶ କରିବେ ବୋଲି ସଙ୍କେତ ଦେଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକୁ ମଧ୍ୟ ସବୁ ମହଲରୁ ସ୍ୱାଗତ ହୋଇଥିଲା । କିନ୍ତୁ ସମୟ ଗଡିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଳରେ ସରକାରଙ୍କ ଅସଲ ଉଦ୍ଦେଶ୍ୟ ପଦାକୁ ଆସିଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଚାରିପଟେ ଖନନ ଓ ନିର୍ମାଣକୁ ନେଇ ବିଧାନସଭାରେ ଉଦବେଗ ପରେ ମାର୍ଚ୍ଚ ୩୧ରେ ଗୃହ କମିଟି ଗଠନ ସତ୍ତ୍ୱେ ଆଜିପର୍ଯ୍ୟନ୍ତ ଏହି କମିଟି ପୁରୀ ଗସ୍ତରେ ଯିବାର ନାଁ ଧରୁନାହାନ୍ତି । ଶ୍ରୀମନ୍ଦିର ଚାରିପଟେ ଖନନ ଓ ନିର୍ମାଣ କାର୍ଯ୍ୟକୁ ବୈଧ ଅନୁମତି ନଥାଇ କରାଯାଉଥିବା ଓ ବିଭିନ୍ନ ସଂଗଠନର ବିରୋଧ ଓ ଶ୍ରଦ୍ଧାଳୁଙ୍କ ଆଶଙ୍କା ଭିତରେ ଏହି ମାମଲା ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଥିବାବେଳେ ଗଜପତି ମହାରାଜା ଓ ସ୍ଥାନୀୟ ବିଜେପି ବିଧାୟକ ଗଣମାଧ୍ୟମକୁ ଆସି କାହା ଇଙ୍ଗିତରେ ବୟାନ ଦେଉଛନ୍ତି ତାହା ବି ବୁଝାପଡୁନି । ହଜାରେ ବର୍ଷ ପୁରୁଣା ଶ୍ରୀମନ୍ଦିର ଚାରିପଟେ ଖନନ ଓ ନିର୍ମାଣ ପୂର୍ବରୁ ଏହାର ପ୍ରଭାବ ଆକଳନ ରିପୋର୍ଟ ପ୍ରସ୍ତୁତ ନହେବା, ଏଏସଆଇର ଅନୁମତି ନନେଇ ନିର୍ମାଣ କରି ଖୋଲାଖୋଲି ଆଇନକୁ ଉଲ୍ଲଘଂନ କରୁଥିବା ରାଜ୍ୟ ସରକାର ନିଜର ଜିଦ୍ ଓ ଅହଙ୍କାର ପାଇଁ ଏବେ କିଛି ଲୋକଙ୍କୁ ମୋହରା ସଜାଇ ସେମାନଙ୍କ ମାଧ୍ୟମରେ ବୟାନବାଜି କରାଇ ନିଜର ଭାବମୂର୍ତ୍ତିକୁ ସଜାଡିବାକୁ ଉଦ୍ୟମ କରୁଛନ୍ତି । କିନ୍ତୁ ନିର୍ମାଣ କାର୍ଯ୍ୟକୁ ସାମୟିକ ସ୍ଥଗିତ ରଖିବାକୁ ଆନ୍ତରିକତା ଦେଖାଉନାହାନ୍ତି, ଯାହାକି ପରିତାପର ବିଷୟ ।

## ଖୁବ୍ ଶୀଘ୍ର ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧି

ଭୁବନେଶ୍ୱର ,୧୬।୫(ପି.ଏନ): ଖୁବ୍ ଶୀଘ୍ର ଓଡ଼ିଶା ଆସପାରନ୍ତି ଏଆଇସିସି ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା। ତେବେ ସେ କେବେ ଆସିବେ ସେନେଇ ତାରିଖ ଚୁଡ଼ାନ୍ତ ହୋଇନାହିଁ। ଯଥା ଶୀଘ୍ର ତାରିଖ ମଧ୍ୟ ସ୍ଥିର ହେବ ନୂଆଦିଲ୍ଲୀରୁ ଭୁବନେଶ୍ୱର ଫେରିବା ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ଏଆଇସିସିର ଚିନ୍ତନ ଶିବିରରେ ସାମିଲ ଯୋଗଦେଇ ଭୁବନେଶ୍ୱର ଫେରିଥିବା ନିରଞ୍ଜନ ଉକ୍ତ ବୈଠକରେ ରାଜ୍ୟର ସଂଗଠନ, ରାଜନୈତିକ, ଅର୍ଥନୀତି, କୃଷକ, ସାମାଜିକ ନ୍ୟାୟ ଓ ବେରୋଜଗାର ପ୍ରସଙ୍ଗରେ ଚର୍ଚ୍ଚା କରିଥିବା କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ନିଜେ ପ୍ରଚାରରେ ଯିବେ। କମ୍ ବ୍ୟବଧାନରେ ହେଲେ ମଧ୍ୟ ନିର୍ବାଚନରେ ବିଜୟ ହେବ ବୋଲି କହିଛନ୍ତି ନିରଞ୍ଜନ ପଟ୍ଟନାୟକ । ଏହା ସହ ଶ୍ରୀମନ୍ଦିର ପ୍ରକଳ୍ପ ପ୍ରସଙ୍ଗକୁ ନେଇ ବିଜେଡି ଓ ବିଜେପିକୁ ସମାଲୋଚନା କରି ନିରଞ୍ଜନକହିଛନ୍ତି ଉଭୟ ରାଜନୀତି କରୁଛନ୍ତି। ନିୟମ ଅନୁସାରେ କାର୍ଯ୍ୟ ହେଉ ।

## ଆଶ୍ରମ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ ଛାତ୍ରର ମୃତ୍ୟୁ

### *ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ମୃତ୍ୟୁ ଅଭିଯୋଗ ଆଣିଲେ ପରିବାର*

ମାଲକାନଗିରି,୧୬।୫(ପି.ଏନ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ନଦିନୀଗୁଡା ଆଶ୍ରମ ବିଦ୍ୟାଳୟରେ ଆଜି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରର ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲା ଶ୍ରୀଧର ଖେମୁଡୁ । ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ପୁଅର ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଛନ୍ତି ପରିବାରବର୍ଗ ।ଗତକାଲି ବିଳମ୍ବିତ ରାତିରେ ଶ୍ରୀଧର ଖେମୁଡୁ ର ଦେହ ଅସୁସ୍ଥ ହୋଇଥିଲା। ସାଥି ଛାତ୍ରମାନେ ପ୍ରଥମେ ଦେଶୀ ମେଡ଼ିସିନ ଦେଇ କିଛି ସମୟ ଅପେକ୍ଷା ପରେ ବି ଦେହ ସୁସ୍ଥ ନହେବାରୁ ବିଦ୍ୟାଳୟର ପିଅନଙ୍କୁ ଜଣାଇଥିଲେ। ପରେ ଛାତ୍ର ମାନେ ୧୦୮ ଆମ୍ବୁଲାନ୍ସ କୁ ଫୋନ କରି ଖଇରପୁଟ ମେଡିକାଲ କୁ ଆଣିଥିଲେ। ଖଇରପୁଟ ମେଡ଼ିକାଲ ରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମୃତ୍ୟୁ ଖବର ପାଇ ମେଡିକାଲ ରେ ପହଂଚିଥିବା ବେଳେ ଚିତ୍ରକୋଣ୍ଡା ଏସଡିପିଓ ,ଓର୍କେଲ ପୋଲିସ, ମୁଦୁଲି ପଡ। ପୋଲିସ,ଖଇରପୁଟ ବିଡିଓ, ଓ ତହସିଲଦାର ମେଡିକାଲ ରେ ପହଞ୍ଚିଥିଲେ । ଏ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କୁ ପଚାରିବାରୁ ମୃତ ଛାତ୍ର ଶ୍ରୀଧର ପରିବାରଙ୍କ ଅଭିଯୋଗକୁ ଭିତି କରି ତଦନ୍ତ କରାଯିବ ବୋଲି କହିଛନ୍ତି। ଯଦି ଅଭିଯୋଗରେ କୌଣସି ସତ୍ୟାସତ୍ୟ ଥାଏ ତେବେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ବ୍ରଜରାଜନଗର ଉପ ନିର୍ବାଚନ ପ୍ରସଙ୍ଗରେ ସିଇଓଙ୍କୁ ଫେରାଦ

### *ଭୋଟ ସଚେତନତା ନାମରେ ସରକାରୀ କର୍ମଚାରୀମାନଙ୍କୁ ନିୟୋଜିତ କରାନଯାଉ : ବିଜେପି*

ଭୁବନେଶ୍ୱର,୧୬।୫(ପି.ଏନ): ସରକାରୀ କର୍ମକର୍ତାମାନଙ୍କୁ ଶାସକ ବିଜୁ ଜନତା ଦଳର କାର୍ଯ୍ୟକର୍ତା ଭାବେ ବ୍ୟବହାର କରି ବିଜେଡି ସପକ୍ଷରେ ଭୋଟ ଦେବାକୁ ଜନସାଧାରଣଙ୍କୁ ପ୍ରବର୍ତାଯାଉଛି। ଗତ ପଂଚାୟତ ଓ ପୌର ନିର୍ବାଚନ ସମୟରେ ଏଭଳି ଅନେକ ଘଟଣାମାନ ସାମ୍ନାକୁ ଆସିଥିଲା । ଆଗାମୀ ବ୍ରଜରାଜନଗର ଉପନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭୋଟର ସଚେତନତା କାର୍ଯ୍ୟକ୍ରମ "ମୁଁ ବି ଭୋଟ ଦେବି"ରେ ବିଜେଡିର କାର୍ଯ୍ୟକର୍ତା ସାଜିଥିବା ସରକାରୀ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି । ତେଣୁ ଭୋଟ ସଚେତନତା କାର୍ଯ୍ୟକ୍ରମ ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ତାଙ୍କ ନିର୍ଦ୍ଦେଶାବଳୀକୁ ପ୍ରତ୍ୟାହାର କରିବା ଦାବିରେ ବିଜେପିର ଏକ ପ୍ରତିନିଧି ଦଳ ସୋମବାର ସିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ବିଜେପି ଅଭିଯୋଗ କରିଛି ଯେ ସ୍ଥାନୀୟ ଜିଲ୍ଲାପାଳଙ୍କ ସହାୟତାରେ ପିଇଓ, ଜିଆରଏସ, ଯୋଗାଣ ସହାୟକ, ଏଡବ୍ଲ୍ୟୁଡବ୍ଲ୍ୟୁ, ଆଶା, ଏଏନଏମ, ବିଏଲଓ, ବିଏଲଓ ସୁପରଭାଇଜର, ସିଆରପି, ଏମବିକେ, ଏସଏଚଜି ସଦସ୍ୟା ଏବଂ ଶିକ୍ଷକମାନଙ୍କୁ ସଚେତନତା ଆଳରେ ବିଜେଡି ସପକ୍ଷରେ ଭୋଟ କରାଇବା ଦାୟୀତ୍ୱ ଦିଆଯାଉଛି । ବିଜୁ ଜନତା ଦଳର ମନ୍ତ୍ରୀ ଓ ନେତାମାନେ ସରକାରୀ କଳ, ବଳକୁ ନିଜ ଆୟତରେ ରଖି କଳେବଳେ ଭୋଟ ହାତେଇବାର ସମସ୍ତ ସୀମା ଉଲଘଂନ କରୁଛନ୍ତି । ପଂଚାୟତ ଓ ପୌର ନିର୍ବାଚନ ପରି ସମାନ ଅଗଣତାନ୍ତ୍ରୀକ ପରିସ୍ଥିତି ଆଗାମୀ ବ୍ରଜରାଜନଗର ଉପନିର୍ବାଚନରେ ନଦେଖାଯାଉ । ତେଣୁ ଭୋଟ ସଚେତନତା କାର୍ଯ୍ୟକ୍ରମ ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ତାଙ୍କ ନିର୍ଦ୍ଦେଶାବଳୀକୁ ପ୍ରତ୍ୟାହାର କରନ୍ତୁ । ଏଥି ସହ ଆଗାମୀ ବ୍ରଜରାଜନଗର ଉପ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ବର୍ତମାନରୁ ବିହୀତ ପଦକ୍ଷେପ ଗ୍ରହଣ କରିବା ଦାବୀରେ ଆଜି ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ବୋଲି ପ୍ରତିନିଧି ଦଳର ସଦସ୍ୟ ତଥା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଏହି ପ୍ରତିନିଧିଦଳରେ ରାଜ୍ୟ ମୁଖପାତ୍ର ସୋନାଲି ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ ଏବଂ ହିତେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରିପୁରା : ନୂଆ ମନ୍ତ୍ରିମଣ୍ଡଳର ୧୧ ସଦସ୍ୟ ନେଲେ ଶପଥ, ଜିଷ୍ଣୁ ଦେବବର୍ମା ହେଲେ ଉପ-ମୁଖ୍ୟମନ୍ତ୍ରୀ

ଅଗରତାଲା,୧୬ ।୫: ତ୍ରିପୁରାରେ ମୁଖ୍ୟମନ୍ତ୍ରୀ ମାନିକ ସାହାଙ୍କ ନୂଆ ମନ୍ତ୍ରିମଣ୍ଡଳର ୧୧ ସଦସ୍ୟଙ୍କୁ ଆଜି ସାମିଲ କରାଯାଇଛି। ସୋମବାର ଦିନ ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟ ଏହି ସମସ୍ତଙ୍କୁ ମନ୍ତ୍ରୀପଦର ଶପଥ ଦେଇଛନ୍ତି। ମନ୍ତ୍ରିମଣ୍ଡଳରେ ଜିଷ୍ଣୁ ଦେବବର୍ମାଙ୍କୁ ଉପ ମୁଖ୍ୟମନ୍ତ୍ରୀ କରାଯାଇଛି। ମନ୍ତ୍ରିମଣ୍ଡଳରେ ଦୁଇ ନୂଆ ମୁହଁ ରାମପଦ ଜମାତିୟା ଏବଂ ପ୍ରେମ କୁମାର ରିୟାଙ୍ଗଙ୍କୁ ସ୍ଥାନ ମିଳିଛି। ଏହାବ୍ୟତୀତ ଆଇପିଏଫ୍‌ଟିର ମେବାର କୁମାର ଜମାତିୟାଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ ନାହିଁ।

## ଆଣ୍ଡାମାନରେ ପହଂଚିଲା ମୌସୁମୀ

ଭୁବନେଶ୍ୱର,୧୬।୫(ପି.ଏନ): ଆଣ୍ଡାମାନ ସାଗରକୁ ପ୍ରବେଶ କରିଛି ମୌସୁମୀ। ସୋମବାର ଦିନ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର ସମେତ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗର ଅଂଚଳକୁ ଅଗ୍ରସର ହୋଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ଲହି ସୂଚନା ଦିଆଯାଇଛଇ। ଚଳିତ ବର୍ଷ ସ୍ୱାଭାବିକ ସମୟ ଠାରୁ ଶୀଘ୍ର ମୌସୁମୀ ପହଂଚିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସାଧାରଣତଃ ଜୁନ୍ ୧ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁଥାଏ। ଏହାର ୧୦ ଦିନ ମଧ୍ୟରେ ମୌସୁମୀ ଓଡିଶାରେ ପହଂଚିଥାଏ। ଏଥର ମେ ୨୭ ତାରିଖରେ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବ ବୋଲି ଆକଳନ କରାଯାଇଛି।

## ଆଖିବୁଜିଲା ହାତୀ ନନ୍ଦ

ଭୁବନେଶ୍ୱର ,୧୬।୫(ପି.ଏନ): ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଗୋଡିବାରୀରେ ଥିବା ପୋଷା ହାତୀ ନନ୍ଦର ଆଜି ଭୋରୁ ମୃତ୍ୟୁ ହୋଇଛି। ରବିବାର ଠାରୁ ହାତୀଟି ଅସୁସ୍ଥ ଥିଲା। ଲଗାତର ଭାବେ ଚିକିତ୍ସା ଚାଲିଥିଲା। ମୃତ୍ୟୁର କାରଣ ଜଣାପଡିନାହିଁ। ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଚନ୍ଦକା କୁମକୀ ହାତୀ ନନ୍ଦର ମୃତ୍ୟୁ ସେପ୍ଟିସେମିଆ ଜନିତ ବୋଲି କହିଛନ୍ତି ଓୟୁଏଟି ଭେଟେନାରୀ କଲେଜ ଡିନ୍ ତଥା ସର୍ଜରୀ ବିଭାଗ ମୁଖ୍ୟ ସୁସେନ ପଣ୍ଡା। ନନ୍ଦର ଶରୀରରେ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ ମଧ୍ୟ ହୋଇଥିବା ସେ କହିଛନ୍ତି । ଅଧିକ ଟେଷ୍ଟ ପାଇଁ ସାମ୍ପଲ ଲାବରୋଟୋରୀକୁ ପଠାଯାଇଥିବା କହିଛନ୍ତି ଡାକ୍ତର ପଣ୍ଡା ।୨୦ ଦିନ ତଳେ ହାତୀଟି କୁ କୁମାରଖୁଂଟି ଅଂଚଳରେ ଟ୍ରାଙ୍କୁଲାଇଜ କରାଯାଇଥିଲା। ତାପର ଠାରୁ ହାତୀଟି ଅସୁସ୍ଥ ହୋଇ ପଡିଥିଲା। ରବିବାର ଭୋର ୪ଟାରେ ହାତୀ ଟି ଆପେ ଆପେ ଗଳି ପଡିବା ପରେ ହାତୀଟିକୁ ସାଲାଇନ ଲଗାଯାଇଥିଲା । ଖାଇବା ପିଇବା ଛାଡି ଦେଇଥିବା ନନ୍ଦର ଅବସ୍ଥା ବିଗିଡି ଯାଇଥିଲା। ଶେଷରେ ସୋମବାର ଦିନ ଭୋର ସମୟରେ ହାତୀଟିର ମୃତ୍ୟୁ ହୋଇଛି ।ତାଲିମ୍‌ପ୍ରାପ୍ତ କୁମକୀ ହାତୀ ଭାବେ ନନ୍ଦ ବେଶ୍ ପରିଚିତ ଥିଲା। ଜଙ୍ଗଲ ସୁରକ୍ଷା ଓ ଅନ୍ୟ ହାତୀକୁ ଘଉଡ଼ାଇବାରେ ମୁଖ୍ୟ ଭୂମିକା ନେଇଥିଲା ନନ୍ଦ। ନନ୍ଦନକାନନରେ ଥିବା ବାସନ୍ତୀ ହାତୀ ପାଖରୁ ସେ ଜନ୍ମ ନେଇଥଲା । ତେବେ ୧୯୯୭ ନଭେମ୍ବର ୨୮ରେ ମାହୁନ୍ତ ରାଧାରମଣ ସିଂହଙ୍କୁ କଚାଡ଼ି ମାରିବା ପରେ ଚର୍ଚ୍ଚାକୁ ଆସିଥିଲା ନନ୍ଦ । ସେହି ଦିନଠୁ ତା ଗୋଡ଼ରେ ଶିକୁଳି ପକାଯାଇ ରଖାଯାଇଥିଲା । ପରେ ନନ୍ଦର ମାନସିକ ଅବସ୍ଥା ଯାଂଚ କରାଯାଇ ୨୦୧୦ରେ ତାକୁ ବେଡ଼ି ମୁକ୍ତ କରାଯାଇଥିଲା ।

## କାଳବୈଶାଖୀ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର ,୧୬।୫(ପି.ଏନ): ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାର ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ପ୍ରବଳ ବେଗରେ ପବନ ମଧ୍ୟ ବହିପାରେ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଏବଂ ପବନ ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଂଟାପ୍ରତି ୪୦-୫୦ କିଲୋମିଟରରେ ବହିବାର ସମ୍ଭାବନା ରହିଛି। ସେହିପରି ରାୟଗଡ଼ା, କନ୍ଧମାଳ, ଗଜପତି, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ୨୦ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲାଗୁଡ଼ିକରେ ଦିନର ତାପମାତ୍ରାରେ ସେପରି କୌଣସି ବଡ଼ ଧରଣର ପରିବର୍ତନ ଘଟିବାର କୌଣସି ସମ୍ଭାବନା ନଥିବା କହିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।


## ଶ୍ରୀଲଙ୍କାରୁ ସରିଯିବ ପେଟ୍ରୋଲ, ଦୈନିକ ୧୫ ଘଣ୍ଟା କଟିବ ବିଜୁଳି



କଲମ୍ବୋ,୧୬।୫: ଆର୍ଥିକ ସଙ୍କଟ ଓ ରାଜନୀତିକ ଅସ୍ଥିରତା ମଧ୍ୟରେ ଗତି କରୁଥିବା ଶ୍ରୀଲଙ୍କା ସ୍ଥିତି ଆହୁରି ଜଟିଳ ହୋଇଛି। ଶ୍ରୀଲଙ୍କା ପାଖରେ ଆଉ ମାତ୍ର ଗୋଟିଏ ଦିନର ପେଟ୍ରୋଲ ଗଚ୍ଛିତ ହୋଇ ରହିଛି। ସେହିପରି ଏଣିକି ଦୈନିକ ୧୫ ଘଣ୍ଟା ଯାଏ ପାୱାର କଟ୍ ମଧ୍ୟ ହେବ। ଅସ୍ଥିରତା ମଧ୍ୟରେ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବା ରନିଲ ବିକ୍ରମସିଂହ ଆଜି ପୂରା ଦେଶ ଆଗରେ ଏପରି ତଥ୍ୟ ରଖିଛନ୍ତି ।ପ୍ରଧାନମନ୍ତ୍ରୀ ହେବା ପରେ ଆଜି ବିକ୍ରମସିଂହ ପ୍ରଥମଥର ପାଇଁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତ, "ମୁଁ କାହାକୁ କିଛି ଲୁଚାଇବାର ନାହିଁ। ପ୍ରକୃତ ସତ ଲୋକେ ଜାଣିବାର ଅଛି। ସଙ୍କଟ ମଧ୍ୟରେ ଗତି କରୁଥିବା ଶ୍ରୀଲଙ୍କାକୁ ମୁଁ ରକ୍ଷା କରିବାକୁ ଆସିଛି। କୌଣସି ପରିବାର, ଗୋଷ୍ଠୀ କିମ୍ବା ବ୍ୟକ୍ତି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି। ଆମ ଜୀବନ କାଳ ମଧ୍ୟରେ ଆଗାମୀ କିଛି ମାସ ସବୁଠାରୁ କଷ୍ଟକର ସମୟ। ଆମକୁ ଏହାର ମୁକାବିଲା କରିବା ପାଇଁ କିଛି ବଳିଦାନ ଦେବାକୁ ପଡିବ। ଆମକୁ ସାହାସର ସହ ଏହି ସ୍ଥିତିର ମୁକାବିଲା କରିବାକୁ ହେବ।"ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶର ଆର୍ଥିକ ଅବସ୍ଥା ଅତ୍ୟନ୍ତ ବିପଦଜନକ ସ୍ଥିତିରେ ରହିଛି। ୨୦୨୨ର ନିଅଣ୍ଟିଆ ବଜେଟ ଜିଡିପିର ୧୩%। ପୂର୍ବତନ ସରକାର ୨.୩ ଟ୍ରିଲିୟନ ରାଜସ୍ୱ ଆକଳନ କରିଥିଲେ। ତେବେ ବାସ୍ତବରେ ଏହା ୧.୬ ଟ୍ରିଲିୟନ ରହିବ। ଆବଶ୍ୟକ ଜିନିଷର ଆମଦାନୀ ପାଇଁ ଶ୍ରୀଲଙ୍କାକୁ ତୁରନ୍ତ ୭୫ ମିଲିୟନ ଡଲାରର ବିଦେଶୀ ପାଣ୍ଠି ଦରକାର ।ଦେଶରେ ଏବେ ତେଲ ଓ ଔଷଧର ଅଭାବ ଦେଖାଯାଇଛି। ଦେଶର ଏକ ୪ର୍ଥାଂଶ ବିଜୁଳି ତେଲରୁ ଉତ୍ପାଦନ ହୁଏ। ତେଲ ଅଭାବାରୁ ଦୈନିକ ବିଜୁଳି କାଟ ସମୟସୀମା ୧୫ ଘଣ୍ଟା ଯାଏ ପହଞ୍ଚି ପାରେ। ଭାରତରୁ ଆସିବାକୁ ଥିବା ପେଟ୍ରୋଲ ଓ ଡିଜେଲ କିଛି ଦିନ ପାଇଁ ଆଶ୍ୱସ୍ତି ଆଣିପାରେ। ହେଲେ ଆମକୁ ସଙ୍କଟମୟ ସ୍ଥିତିର ବାସ୍ତବତାକୁ ବୁଝିବାକୁ ପଡିବ ବୋଲି ବିକ୍ରମସିଂହ କହିଛନ୍ତି। ପ୍ରଧାନମନ୍ତ୍ରୀ ବିକ୍ରମସିଂହ ଶ୍ରୀଲଙ୍କା ଏୟାରଲାଇନ୍ସର ଘରୋଇକରଣ ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ବିମାନ କମ୍ପାନୀ କ୍ଷତିରେ ଚାଲିଛି। ୨୦୨୦-୨୧ରେ ବିମାନ କମ୍ପାନୀର କ୍ଷତି ୪୫ ବିଲିୟନ ଏସ୍‌ଏଲଆର ଥିଲା। ସେହିପରି ଏଯାଏ କମ୍ପାନୀ ମୋଟ ୩୭୨ ବିଲିୟନ ଏସଏଲଆର କ୍ଷତି ଘଟାଇଲାଣି। ତେଣୁ ଏହାକୁ ପ୍ରଧାନମନ୍ତ୍ରୀ କୌଣସି ଘରୋଇ କମ୍ପାନୀକୁ ବିକ୍ରି କରିବାକୁ ଚାହୁଁଥିବା କହିଛନ୍ତି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲେ ଶ୍ରୀଲଙ୍କାରେ କାର୍ଯ୍ୟ କରୁଥିବା ୧.୪ ମିଲିୟନ ସରକାରୀ କର୍ମଚାରୀଙ୍କୁ ଚଳିତ ମାସରେ ଦରମା ଦେବାକୁ ସରକାରଙ୍କ ପାଖରେ ଟଙ୍କା ନାହିଁ। କର୍ମଚାରୀଙ୍କ ଦରମା ଓ ଜରୁରୀ ସାମଗ୍ରୀ କିଣିବା ପାଇଁ ସରକାର ଟଙ୍କା ଛାପିବାରେ ଲାଗିଥିବା ମଧ୍ୟ ପ୍ରଧାନମନ୍ତ୍ରୀ ବିକ୍ରମସିଂହ କହିଛନ୍ତି। ଏଥିସହ ସ୍ଥିତିର ମୁକାବିଲା ପାଇଁ ସେ ସବୁ ରାଜନୀତିକ ଦଳକୁ ନେଇ ଜାତୀୟ ପରିଷଦ ଗଠନ କରିବେ ବୋଲି ଘୋଷଣା କରିଛନ୍ତି।


#AOG2022 #AOG2022

Art of Giving



ଆର୍ଟ ଅଫ୍ ଗିଭିଂ
୯ମ ବାର୍ଷିକ ସମାରୋହ
ତାରିଖ: ୧୭।୦୫।୨୦୨୨
ସ୍ଥାନ: ସ୍ୱସ୍ତି ପ୍ରିମିୟମ, ଭୁବନେଶ୍ୱର, ସମୟ: ଅପରାହ୍ନ ୪:୪୫ ମିନିଟ୍

ମୁଖ୍ୟ ଅତିଥି
ପ୍ରଫେସର ଗଣେଶୀ ଲାଲ୍
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ମୁଖ୍ୟ ବକ୍ତା
ଶ୍ରୀ ନିରଞ୍ଜନ ରଥ
ସଭାପତି, ଲୋକ ସେବକ ମଣ୍ଡଳ (ଓଡ଼ିଶା ଶାଖା) ତଥା ପ୍ରକାଶକ ଓ ମୁଦ୍ରାକର, ଦୈନିକ 'ସମାଜ'

ସମ୍ମାନୀୟ ଅତିଥି
ବାବା ରାମ ନାରାୟଣ ଦାସ ମହାରାଜ
ପ୍ରତିଷ୍ଠାତା ସଭାପତି, ଶ୍ରୀରାମ ମନ୍ଦିର, ୟୁନିଟ୍-୧, ଭୁବନେଶ୍ୱର

ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ମହାରାଜ
ସମ୍ପାଦକ, ଶିବାନନ୍ଦ ଶତବାର୍ଷିକୀ ହାଇସ୍କୁଲ, ଭୁବନେଶ୍ୱର

କଳିଙ୍ଗ ଟିଭିରେ ଦେଖନ୍ତୁ ସିଧା ପ୍ରସାରଣ
www.artofgiving.in.net/live

HOPE | HAPPINESS | HARMONY








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ରଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ରଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ରଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ରଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ରଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି଼ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ରଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ବୁଦ୍ଧଂ ଶରଣଂ ଗଚ୍ଛାମି...

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁଚିନ୍ତା, ବହୁ ବିଶ୍ୱାସ ଓ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ ।

ବସ୍ତୁତଃ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । ଏଣୁ ଭାରତୀୟ ଦର୍ଶନରେ ବେଦର ଆଧିପତ୍ୟକୁ ଅସ୍ୱୀକାର କରି ବୌଦ୍ଧ ଓ ଜୈନ ଦର୍ଶନ ଯେଭଳି ଜନାଦୃତ; ଅନୁରୂପ ଭାବରେ ସାଂଖ୍ୟ, ନ୍ୟାୟ, ବୈଶେଷିକ ଓ ଯୋଗ ସେହିପରି ପ୍ରାଧାନ୍ୟଲାଭ କରିଥାଏ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ ।

ଏ ପରିପ୍ରେକ୍ଷୀରେ କହିରଖେ; ଯେତେବେଳେ ଧାର୍ମିକ ତଥା ସାଂସ୍କୃତିକ ଭାବଧାରାକୁ ନେଇ ବିଭିନ୍ନ ବାଦାନୁବାଦ ଓ ମତବାଦ ମୁଣ୍ଡ ଟେକି ଉଠିଥିଲା, ସେତେବେଳେ ବୌଦ୍ଧଧର୍ମ ଓ ସଂସ୍କୃତିର ଆବିର୍ଭାବ ହୋଇଥିଲା । ମସ୍କରୀ ଗୋପଳ ନାମକ ଧର୍ମଗୁରୁଙ୍କ 'ସଂସାର ବିଶୁଦ୍ଧି ମାର୍ଗ' ଠାରୁ ଆରମ୍ଭ କରି ପୂର୍ଣ୍ଣ କାଶ୍ୟପଙ୍କ 'ଅକ୍ରିୟାବାଦ', ପକୁଧ କାଚ୍ଚାୟନଙ୍କ 'ଅଶ୍ୱାଶତବାଦ', ଚାର୍ବାକ୍‌ଙ୍କ 'ବିକ୍ଷେପବାଦ' ଭଳି ଦର୍ଶନ ଆମ ସାଂସ୍କୃତିକ ପୃଷ୍ଠଭୂମିକୁ ଆଚ୍ଛନ୍ନ କରି ରଖିବା ସହ ସନାତନବାଦୀ ବ୍ରାହ୍ମଣ ପଣ୍ଡିତମାନଙ୍କ ବୈଦିକ ପରମ୍ପରା ମାନବ ସମାଜକୁ ଜଟିଳତର କରି ରଖିଥିଲା । ଏସବୁ ଧର୍ମ ଓ ମତବାଦ ପରସ୍ପର ବିରୋଧି ଥିଲେ ହେଁ; ପ୍ରତ୍ୟେକ ଆର୍ଯ୍ୟ ପରମ୍ପରାଭିତ୍ତିକ ବୋଲି ଯୁକ୍ତ ବାଢ଼ିବା ଫଳରେ ଏକ ସାଂସ୍କୃତିକ ସଂକଟର ସମୟ ଆସି ଉପନୀତ ହୋଇଥିଲା । ଏଭଳି ଏକ ସଂକଟର ସନ୍ଧିକ୍ଷଣରେ ଗୌତମବୁଦ୍ଧଙ୍କର ଆର୍ବିଭାବ ।

ଏ ପରିପ୍ରେକ୍ଷୀରେ କହିରଖେ, ସେ ସମୟରେ ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ ତତ୍ପର ନଥିଲେ । ତେଣୁ ଲୋକମୁଖରେ କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା । ଗୌତମ ବୁଦ୍ଧ ମଧ ପ୍ରାକୃତ ଭାଷାକୁ ଧର୍ମପ୍ରଚାରର ମାଧ୍ୟମ ଭାବରେ ଗ୍ରହଣ କରିଥିଲେ । ଫଳସ୍ୱରୂପ ଗୌତମ ବୁଦ୍ଧଙ୍କ ଲବ୍ଧ ସତ୍ୟ ଲୋକାନୁଭବର ସ୍ତରକୁ ଆସି ପାରିଥିଲା । କ୍ରମେ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେଲେ । ପ୍ରାକୃତ ଭାଷା ମଧ ପ୍ରତିଷ୍ଠିତ ହେବା ସହ ବୁଦ୍ଧଙ୍କ ପ୍ରଚାରିତ ଧର୍ମ ମଧ ରାଜଧର୍ମ ହେବାକୁ ଆରମ୍ଭ କରିଥିଲା । ଅଙ୍ଗୁଳିମାଳା ଦସ୍ୟୁ, ଶାକ୍ୟ ରାଜପରିବାରର ନାପିତ ଉପାଳି, ବୈଶାଳୀର ଜନପଦ-ବଧୂ, ନର୍ତ୍ତକୀ ଅମ୍ବାପାଲି, ସମ୍ରାଟ ପ୍ରସେନଜିତ ଓ ବିମ୍ବିସାର ଆଦି ସମସ୍ତେ ଏ ଧର୍ମ କୋଳରେ ଆଶ୍ରୟ ନେଇଥିଲେ ।

ବହୁ ଧର୍ମରେ ପ୍ରଚଳିତ ଥିବା ଜଟିଳ ତତ୍ତ୍ୱରୁ ବୁଦ୍ଧ ଚାରୋଟି ସତ୍ୟ ଆବିଷ୍କାର କରିଥିଲେ । ଯଥା- (୧) ଦୁଃଖ ସତ୍ୟ (୨) ଏହାର କାରଣ ସତ୍ୟ (୩) ଏହାର ନିରୋଧ ହୋଇପାରିବା କଥାଟା ସତ୍ୟ (୪) ଏହି ଦୁଃଖ-ନିରୋଧର ଉପାୟ ମଧ ସତ୍ୟ ।

ଏଠି ପ୍ରଶ୍ନ ଉଠେ ଦୁଃଖ ପୁଣି କ'ଣ? ଏହାର ମଧ ଉତ୍ତର ଦେବାକୁ ଯାଇ ଗୌତମ ବୁଦ୍ଧ ଉଲ୍ଲେଖ କରିଛନ୍ତି- ସଂସାର ସହିତ ସମ୍ପର୍କରୁ ଦୁଃଖର ଜାତ । ଯଥା- ଜନ୍ମ, ବୃଦ୍ଧାବସ୍ଥା, ରୁଗ୍‌ଣାବସ୍ଥା, ମୃତ୍ୟୁ, ଇପ୍‌ସିତ ବସ୍ତୁଟିର ଅପ୍ରାପ୍ତି । କାରଣ ଇନ୍ଦ୍ରିୟ ଜନିତ ସୁଖର ବସ୍ତୁଟି ଅପସରି ଗଲେ ଦୁଃଖ ଆସିଥାଏ । ବୁଦ୍ଧଙ୍କ ମତରେ - ଜୀବନ ପ୍ରତି ଅତ୍ୟଧିକ ମୋହ ମଣିଷକୁ ସଂସାର ପ୍ରତି ଆକୃଷ୍ଟ କରାଏ । ତେଣୁ ସେ ବାରମ୍ବାର ଏ ସଂସାରରେ ଜନ୍ମ ନେଇ ଦୁଃଖ ଭୋଗ କରିଥାଏ । ଅତଏବ ଦୁଃଖ ହେଉଛି- ମଣିଷର ନିଜର ସୃଷ୍ଟ କାମନା ଓ ବାସନାରୁ ସମ୍ଭୁତ । ଏହାର ବିନାଶରେ ଦୁଃଖର ବିନାଶ । ଏହି କାମନା ଓ ବାସନାର ବିନାଶ ଲାଗି ଗୌତମ ବୁଦ୍ଧ ଏକ ପନ୍ଥା ଦେଖାଇଥିଲେ । ଯାହା ଅଷ୍ଟାଙ୍ଗ ମାର୍ଗ ଭାବେ ପ୍ରସିଦ୍ଧ । ଏଥିରେ ସମ୍ୟକ ଦର୍ଶନ, ଉତ୍ତମ ଅଭୀପ୍‌ସା, ଉତ୍ତମ କଥା, ଉତ୍ତମ ସ୍ୱଭାବ, ଉତ୍ତମ ମାର୍ଗ, ଉତ୍ତମ କର୍ମ, ଉତ୍ତମ ଚିନ୍ତା, ଉତ୍ତମ ସମାଧିସ୍ଥ ଆନନ୍ଦ ଲାଭ କରିବାକୁ ହୋଇଥାଏ ।

ଏହି ଅଷ୍ଟାଙ୍ଗ ମାର୍ଗରେ ଗତି କଲେ ସତ୍ୟର ସନ୍ଧାନ ପାଇବା ସହ ଦୁଃଖକୁ ଚିହ୍ନଟ କରି ସେଥିରୁ ମୁକ୍ତି ପାଇବାର ପଥ ପରିଷ୍କାର ହେବ । ଏହି ମୁକ୍ତି ହିଁ ହେଉଛି ନିର୍ବାଣ । ଏହି ନିର୍ବାଣ ପାଇବାକୁ ବୁଦ୍ଧ ଚାରିଗୋଟି ମାର୍ଗ ଦର୍ଶାଇଥିଲେ । ଯଥା- ୧. ସୋତାପତ୍ତିମାଗ୍‌ଗ, ୨. ସକଦାଗାମି ମାଗ୍‌ଗ, ୩. ଅନାଗାମି ମାଗ୍‌ଗ, ୪. ଅର୍ହତ ମାଗ୍‌ଗ । ଅର୍ଥାତ୍ ଯେଉଁ ବ୍ୟକ୍ତି ବୁଦ୍ଧଙ୍କ ବାଣୀ ଓ ଅନୁଶାସନକୁ ଶ୍ରଦ୍ଧା ଓ ଭକ୍ତିର ସହିତ ଗ୍ରହଣ କରନ୍ତି; ସେମାନେ ହେଲେ ସୋତାପତ୍ତି ମାଗ୍‌ଗ । ଯେଉଁମାନେ ସକଦାଗାମି ମାଗ୍‌ଗର ଅନୁବର୍ତ୍ତୀ ସେମାନଙ୍କୁ ଅତି କମ୍‌ରେ ସାତଥର ଜନ୍ମଗ୍ରହଣ ପରେ ନିର୍ବାଣ ମିଳିଥାଏ । ଅନାଗାମି ମାଗ୍‌ଗ ଅନୁବର୍ତ୍ତୀ ବ୍ୟକ୍ତିଙ୍କୁ ଆଉ ଏ କାମ, କ୍ରୋଧମୟ ସଂସାରକୁ ଆସିବାକୁ ପଡ଼ିନଥାଏ । ଅର୍ହତମାଗ୍‌ଗ ହେଉଛି ସର୍ବଶ୍ରେଷ୍ଠ । ସେମାନଙ୍କ ସକଳ କାମନାର ବିନାଶ ଘଟିଥାଏ । ସେମାନେ ଦେହତ୍ୟାଗ ପରେ ନିର୍ବାଣ ଲାଭ କରିଥାନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ କୌଣସି ଏକ ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରିବାକୁ ବାଧ୍ୟବାଧକତା ନଥିଲା । ଯାହାକୁ ଯେଉଁ ପନ୍ଥା ସୁବିଧା ହେଲା ସେ ନିର୍ବାଣ ନିମନ୍ତେ ସେହି ପନ୍ଥା ଚୟନ କରିପାରୁଥିଲା । ଫଳତଃ ଏହି ଧର୍ମ ବାସ୍ତବବାଦୀ ଦୃଷ୍ଟିକୋଣ ଯୋଗୁଁ ଅଳ୍ପ ସମୟ ଭିତରେ ଜନପ୍ରିୟ ଧର୍ମର ମାନ୍ୟତା ଲାଭ କରିପାରିଥିଲା । ଏହି ଧର୍ମ ବା ବୌଦ୍ଧ ସଂସ୍କୃତିର ଭିତ୍ତି ଥିଲା- ବୁଦ୍ଧ, ଧର୍ମ ଓ ସଂଘ । ଏହାକୁ ତ୍ରିରତ୍ନ ବୋଲି କୁହାଯାଏ । ପ୍ରତ୍ୟେକ ଉପାସକଙ୍କୁ ଏହି ତିନୋଟିର ଶରଣ ନେବାକୁ ହୋଇଥାଏ । ସେମାନେ କହିଥାନ୍ତି- "ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି ।"

ଖୁବ୍ ଲୋକପ୍ରିୟତା ହାସଲ କରିଥିବା ବୌଦ୍ଧଧର୍ମର ଶୃଙ୍ଖଳାରେ ଅବକ୍ଷୟ ବିଶେଷକରି ବୁଦ୍ଧଙ୍କ ମୃତ୍ୟୁ ପରେ ପରିଲକ୍ଷିତ ହୋଇଥିଲା । ସଂଘ ମଧ୍ୟରେ ବିଭାଜନର ସୂତ୍ରପାତ ଘଟିଥିଲା । ଶେଷରେ ବୌଦ୍ଧମାନେ ଥେରବାଦୀ ଓ ମହାସାଙ୍ଘିକ ଭାବେ ଦୁଇଟି ଗୋଷ୍ଠୀ ହୋଇଗଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବୌଦ୍ଧଧର୍ମର ବିଧିବଦ୍ଧ ଭାବେ ହୀନଯାନ ଓ ମହାଯାନ ନାମକ ଦୁଇ ଗୋଷ୍ଠୀ ଗଢ଼ି ଉଠିଥିଲା । ଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ବିଶ୍ୱ କଲ୍ୟାଣ ହିଁ ଥିଲା ଏହି ବୌଦ୍ଧ ସଂସ୍କୃତିର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖିଥିଲା ।

*-ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୬୭୭*



# ବୁଦ୍ଧାନୁକୂଳଂ ଶରଣଂ ଗଚ୍ଛାମି...



ପରମ ପୁରୁଷ ଯୁଗାବତାର କଳ୍‌କୀ ବିଗ୍ରହ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ- ଭଗବାନ ବୁଦ୍ଧ ଓ ଭଗବାନ ହଜରତ୍ ମହମ୍ମଦ ଇତ୍ୟାଦିଙ୍କ ବିରୁଦ୍ଧରେ ଯେଉଁ ଅପବାଦ ଚାଲୁଛି ତାହାର ନିରାକରଣ କରିବାକୁ ହେବ। ଭଗବାନ ବୁଦ୍ଧ ବର୍ଣ୍ଣଧର୍ମ ସ୍ୱୀକାର କରୁଥିଲେ, ଆର୍ଯ୍ୟସତ୍ୟ - ଆର୍ଯ୍ୟସତ୍ୟ ବୋଲି ବାରମ୍ବାର କହୁଥିଲେ, ଆର୍ଯ୍ୟକୃଷ୍ଟି ଉପରେ ଭଗବାନ ବୁଦ୍ଧଙ୍କର ସବୁକିଛି ଭିତ୍ତି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆନନ୍ଦ ସହକାରେ ପ୍ରକାଶ କଲେ - ଧର୍ମଯାଜକ (ଋତ୍ୱିକ୍) ଉପଗୁପ୍ତଙ୍କର ଏକ ଭଜନର ତାନରେ ସମ୍ରାଟ ଅଶୋକଙ୍କର ଅନ୍ତରସ୍ଥଳ ଜାଗି ଉଠିଥିଲା। ଉପଗୁପ୍ତଙ୍କ ମାଧ୍ୟମରେ ସମ୍ରାଟ ଅଶୋକ ଭଗବାନ ବୁଦ୍ଧଙ୍କୁ ଉପଲବ୍ଧି କରିଥିଲେ। ବୈଶିଷ୍ଟ୍ୟ ପାଳୀ ଆପୂରୟମାଣ ଧର୍ମପ୍ରବର୍ତ୍ତକଗଣ ସମସ୍ତେ ଏକବାର୍ତ୍ତାବାହୀ ଓ ଏକସତ୍ତାବାହୀ। ବୌଦ୍ଧମତ ଓ



ହିନ୍ଦୁମତରେ ପାର୍ଥକ୍ୟ ବହୁତ କମ୍। କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ-ମୁଁ ଶୁଣିଛି ଭଗବାନ ବୁଦ୍ଧ ପ୍ରକାରାନ୍ତରେ ବର୍ଣ୍ଣାଶ୍ରମକୁ ସମର୍ଥନ କରୁଥିଲେ। ଭଗବାନ ବୁଦ୍ଧ ଗୃହୀମାନଙ୍କ ପାଇଁ ଗୃହୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଭିକ୍ଷୁକ ବା ସନ୍ନ୍ୟାସୀମାନଙ୍କ ନିମିତ୍ତ ସନ୍ନ୍ୟାସୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି। ଗୃହୀମାନଙ୍କର ବିବାହ, ଚାଲିଚଳନ ସମ୍ବନ୍ଧରେ ଯେଉଁସବୁ ନିର୍ଦ୍ଦେଶ ଦେଇଛନ୍ତି ତାହା ସଙ୍ଗେ ବର୍ଣ୍ଣାଶ୍ରମର କୌଣସି ବିରୋଧ ନାହିଁ। ବର୍ଣ୍ଣାଶ୍ରମ ହେଉଛି ଏକ ବିଜ୍ଞାନଭିତ୍ତିକ ସମାଜ ବିଧାନ।

ଅବତାର ପୁରୁଷମାନେ ସର୍ବଦା ନିଜ ପ୍ରତି ନିଷ୍ଠୁର କାରଣ ସେମାନେ ସର୍ବଦା ପରିବେଶର ପ୍ରତିପ୍ରତ୍ୟେକଙ୍କର ମଙ୍ଗଳ ସାଧନରେ ବ୍ୟସ୍ତ, ଅବଶ୍ୟ ମଙ୍ଗଳ ନିମିତ୍ତ ନିଜକୁ ସର୍ବସ୍ୱ ଦେବାପାଇଁ ସେମାନେ ଜଗତକୁ ଆସନ୍ତି, ନିଜ ପ୍ରତି ଚାହିଁବାର ଅବକାଶ ସେମାନଙ୍କ ପାଖରେ ନଥାଏ। ଏହିପରି ଅବସ୍ଥାରେ ପରିବେଶ ସେମାନଙ୍କ ପ୍ରତି ପ୍ରୀତିପରାୟଣ ହେଲେ ସେମାନେ ସ୍ୱସ୍ତି ଓ ଶାନ୍ତିରେ ରହିପାରନ୍ତି। ମହାପ୍ରଭୁ ବୁଦ୍ଧଦେବ କହିଥିଲେ - ଅହିଂସା ପରମ ଧର୍ମ। ଏ କଥାର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଅହିଂସା ଯେଉଁଠାରେ ସପରିବେଶ ସତ୍ତାସମ୍ବର୍ଦ୍ଧନାକୁ ସର୍ବତୋ ଭାବରେ ପୁଷ୍ଟକରି ସାର୍ଥକ ହୋଇଉଠେ, ତାହା ଯେ ପରମ ଧର୍ମ ଏ ବିଷୟରେ କୌଣସି ସନ୍ଦେହ ନାହିଁ। ସତ୍ତାକୁ ହତ୍ୟା ବା କ୍ଷୁର୍ଣ୍ଣ ନକରିବା ଯଦି ପରମ ଧର୍ମ ହୁଏ ତେବେ ସତ୍ତା ହତ୍ୟାକାରୀ ଯାହା ତାହାକୁ ବିହିତ ଭାବରେ ନିରୋଧ କରିବା ମଧ ପରମ ଧର୍ମର ଅଙ୍ଗୀଭୂତ। ଆମ୍ଭେମାନେ ଜୀବନପ୍ରେମୀ ହେଲେ ମୃତ୍ୟୁ ବିରୁଦ୍ଧରେ ଚିରକାଳ ସଂଗ୍ରାମ କରିବାକୁ ହେବ। ମହାପ୍ରଭୁ ଯେତେବେଳେ ସଶରୀରରେ ରହି ଏହି ମର୍ତ୍ତ୍ୟଧାମରେ ଲୀଳାଖେଳ କରନ୍ତି ତାଙ୍କର କଥାବାର୍ତ୍ତା ଚଳନ ଓ ଭଙ୍ଗୀରେ ସମସ୍ତଙ୍କୁ ସତ୍ତାପ୍ରେମୀ ଓ ଆତ୍ମାଭିମୁଖୀ କରିଉଠାନ୍ତି। ପ୍ରଭୁ କରୁଣା ପରବଶ ହୋଇ ମାନବ ଜନ୍ମ ଗ୍ରହଣ କରନ୍ତି ଓ ଆମ୍ଭମାନଙ୍କର ମଙ୍ଗଳ ନିମିତ୍ତ ବହୁତ କଷ୍ଟ ସହ୍ୟ କରନ୍ତି। ସମସ୍ତଙ୍କୁ କାଳର ହାତରୁ ଉଦ୍ଧାର କରିବା ପାଇଁ ସେ କାଳାଧୀଶ ହୁଅନ୍ତି। ଦଶାବତାର ମଧ୍ୟରେ ମହାପ୍ରଭୁ ବୁଦ୍ଧ ଜଣେ। ମନୁଷ୍ୟର ଅନ୍ତରରେ ସବୁ ସମୟ ଏକ ଫାଙ୍କା ଫାଙ୍କା ଭାବ ଲାଗି ରହେ ଓ ତାହା ପୂର୍ଣ୍ଣ ହୁଏ ଯେତେବେଳେ ମନୁଷ୍ୟର ଅନୁରାଗ ଶ୍ରେୟ ନିବଦ୍ଧ ହୁଏ। ସେ ଅନୁରାଗ ହେବା ଉଚିତ ଅଚ୍ୟୁତ, ଦୁଃଖ-କଷ୍ଟ, ଦୈନ୍ୟ-ରୋଗ, ଶୋକ-ଆନନ୍ଦ ଇତ୍ୟାଦି ଦ୍ୱାରା ଅନୁରାଗ ଛିନ୍ନ ହୁଏନାହିଁ। ମନୁଷ୍ୟ ଜୀବନର ଯେତେକିଛି ପ୍ରଚେଷ୍ଟା ଏହି ଶୂନ୍ୟକୁ ପୂର୍ଣ୍ଣ କରିବା ପାଇଁ ଓ ପ୍ରେଷ୍ଠାନୁରାଗ ବ୍ୟତୀତ ଏହି ଶୂନ୍ୟ କେବେ ପୂର୍ଣ୍ଣ ହୁଏନାହିଁ। ମହାପ୍ରଭୁ ବୁଦ୍ଧଦେବ ସେଥିପାଇଁ ସବୁବେଳେ ନିର୍ବାଣ କଥା କହୁଥିଲେ। ମହାପ୍ରଭୁ ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟଦେବ ଓ ଶ୍ରୀରାମକୃଷ୍ଣ ପରମହଂସ ଇତ୍ୟାଦି ମହାପୁରୁଷଙ୍କ ଜୀବନରେ ଏହି ଶୂନ୍ୟତା ହିଁ ସେମାନଙ୍କୁ ଭଗବାନ କରିତୋଳିଥିଲା। ବୌଦ୍ଧଗ୍ରନ୍ଥରେ ଅଛି ସ୍ୱବନ୍ଧନ ଛିନ୍ନ କରିବାର ପ୍ରଥା ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସ୍ୱବନ୍ଧନ ଖଣ୍ଡନର ସହଜତମ ପନ୍ଥା ହେଲା ସକ୍ରିୟ, ସେବାଯୁକ୍ତ, ଇଷ୍ଟଙ୍କ ଉପରେ ଅଚ୍ୟୁତ ଅନୁରାଗ। ପ୍ରଭୁଙ୍କ ଉପରେ ଅଗୁରାଗ ଥିବା ଯୋଗୁଁ ବୃତ୍ତି ଗୁଡ଼ିକ ମନକୁ ନିମ୍ନମୁଖୀ କରିପାରନ୍ତି ନାହିଁ। ପୃଥିବୀରେ ଯେତେ ମହାପୁରୁଷଙ୍କର ବାଦ ଅଛି - ସେ ସବୁ ହିଁ ଏକ ଓ ତାହାହେଲା ଏକନିଷ୍ଠ, ସାତ୍ୱତ, କର୍ମବାଦ ଏଥିରେ ବ୍ୟଷ୍ଟି ଓ ପରିବେଶ ଇଷ୍ଟଙ୍କୁ କେନ୍ଦ୍ର କରି ସଂହତ, ସଂଯତ ଓ ସମ୍ବର୍ଦ୍ଧିତ ହୋଇଉଠନ୍ତି। ସେଥିପାଇଁ ବୁଦ୍ଧଦେବଙ୍କର ତ୍ରିଶରଣ ମନ୍ତ୍ରରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି ଓ ସଂଘଂ ଶରଣଂ ଗଚ୍ଛାମି। ବୌଦ୍ଧଧର୍ମ ଅତ୍ୟନ୍ତ ବାସ୍ତବଭିତ୍ତିକ। ପ୍ରେରିତ ପୁରୁଷମାନେ ଯେଭଳି ସମୀଚୀନ ମନେକରନ୍ତି ସେହିଭଳି ଭାବରେ ଯୁଗର ପ୍ରୟୋଜନ ପୂରଣ କରନ୍ତି। ଅବତାରମାନେ ହିଁ ହେଉଛନ୍ତି ଈଶ୍ୱରଙ୍କର ପ୍ରେରିତ ଓ ଆଦିଷ୍ଟ ପୁରୁଷ। ଯୁଗ ପ୍ରୟୋଜନ ଅନୁଯାୟୀ ସେମାନେ ଆର୍ବିଭାବ ହୁଅନ୍ତି ଓ ବିଶ୍ୱଜନୀନ ନୀତି ସହିତ ଯୋଗସୂତ୍ର ରକ୍ଷା କରି ଲୀଳାଖେଳ କରନ୍ତି। ମହାପ୍ରଭୁ ବୁଦ୍ଧଦେବ ଯେତେବେଳେ ଆସିଥିଲେ ସେତେବେଳେ ଦେବତାଙ୍କ ପାଖରେ ନୃଶଂସ ଭାବେ ଜୀବବଳି ପ୍ରଥା ପ୍ରଚଳିତ ଥିଲା। ମନୁଷ୍ୟ ବଳି ମଧ ଚାଲୁଥିଲା। ସେଥିପାଇଁ ମହାପ୍ରଭୁ ବୁଦ୍ଧ ପ୍ରଥମ ଆହ୍ୱାନ ଦେଲେ- ଜୀବ ହିଂସା କରନାହିଁ, ଜୀବନ ନାଶ କରନାହିଁ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସୁଧାଝରା କଣ୍ଠରେ କହିଲେ-ମହାପ୍ରଭୁ ବୁଦ୍ଧଦେବ ଚାହୁଁଥିଲେ- ତୃଷ୍ଣାର ଏକାନ୍ତ ନିର୍ବାଣ। ମହାପ୍ରଭୁ ଶ୍ରୀଚୈତନ୍ୟଦେବ ମଧ କହୁଥିଲେ - ମୁଁ ତୃଷ୍ଣା ବୁଝେନାହିଁ, ମୋର ତୃଷ୍ଣା ରହୁ ବା ଯାଉ, ମୁଁ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଚାହେଁ। ପ୍ରଭୁ ଶ୍ରୀକୃଷ୍ଣ ହିଁ ମୋର ଏକମାତ୍ର ତୃଷ୍ଣା। ଏହି ଦୁଇ ଭାବ ହିଁ ମୂଳତଃ ଏକ। ମହାପ୍ରଭୁ ଶ୍ରୀଚୈତନ୍ୟଦେବଙ୍କର ଭାବଟା ହିଁ ତୃଷ୍ଣା ନିର୍ବାଣର ସହଜତମ ପନ୍ଥା। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଆନନ୍ଦ ସହକାରେ ପ୍ରକାଶ କଲେ - ଆଜି ବୁଦ୍ଧ ପୂର୍ଣ୍ଣିମା, ଏକ ମହାପୁଣ୍ୟ ତିଥି। ଏହି ତିଥିର ତାତ୍ପର୍ଯ୍ୟ ସ୍ମରଣ କରି ଯଦି ଭଗବାନ ବୁଦ୍ଧଦେବଙ୍କର ଆଲୋକରେ ଆଜି ଦିନରେ ନିଜର ଇଷ୍ଟ ଦେବତା ବା ଗୁରୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଜପ, ତପ, ଧ୍ୟାନ, ଭଜନ ଓ ସ୍ୱାଧ୍ୟାୟ ପାଳନ କରାଯାଏ ତେବେ ଏହା ଭିତର ଦେଇ ଈଶ୍ୱରଙ୍କର ଅନେକ ଆଶିଷ ମିଳେ। ମହାପ୍ରଭୁ ବୁଦ୍ଧଦେବ କ୍ଷତ୍ରିୟ ଥିଲେ ଓ ଅହିଂସାର ପଥକୁ ଆଦରି ନେଲେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତକଲେ, ଶୁଣିଛି-ଭକ୍ତ ଆନନ୍ଦ ମହାପ୍ରଭୁ ବୁଦ୍ଧଦେବଙ୍କ ସହିତ କେତେଗୁଡ଼ିକ ସର୍ତ୍ତ କରିଥିଲେ ସେଥିପାଇଁ ସେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇପାରି ନଥିଲେ। ଭଗବାନ ବା ଇଷ୍ଟଙ୍କ ପାଖରେ ଆମେ ଯେତେବେଳେ ଆତ୍ମୋତ୍ସର୍ଗ କରୁ ସେତେବେଳେ ଯଦି ନିଜସ୍ୱ ସର୍ତ୍ତ ରଖାଯାଏ ତାହା ଆତ୍ମବିକାଶର ପଥରେ ବାଧା ଦିଏ। ଇଷ୍ଟ ବା ଗୁରୁଙ୍କର ଇଚ୍ଛା ପୂରଣ ବ୍ୟତୀତ କୌଣସି ବ୍ୟକ୍ତିଗତ ପ୍ରତ୍ୟାଶା ଥିଲେ ଆତ୍ମୋନ୍ନତି ପଥରେ ଅନ୍ତରାୟ ହୁଏ। ଭକ୍ତ କଶ୍ୟପ, ସାରୀପୁତ୍ର ଓ ମୌଦଗଲ୍ଲାୟନ ଇତ୍ୟାଦି ଭକ୍ତମାନେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇଥିଲେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତକଲେ, ମୋର ମନେହୁଏ ଶ୍ରମଣ, ଜ୍ୟୋତି, ସନ୍ନ୍ୟାସୀ ଇତ୍ୟାଦି ଭକ୍ତମାନଙ୍କର ସମ୍ପଦ ହିଁ ତାଙ୍କର ଚରିତ୍ର, ତାଙ୍କର ଜୀବନ ଓ ତାଙ୍କ ତପସ୍ୟା। ଏହି ଚରିତ୍ର ଭିତରେ ହିଁ ଜାତିର ପ୍ରକୃତ ଉନ୍ନତି ଘଟେ। ବୌଦ୍ଧ ମତବାଦ ମଧ୍ୟରେ ଉପନିଷଦର କଥା ଅନେକ ଅଛି।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ସହପ୍ରତିଋତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ସଡ଼କରେ ମୁଣ୍ଡ ନେଉଛି ମୋବାଇଲ !



ଆଜିର ସମୟକୁ ଦେଖିଲେ ଲାଗୁଛି ଯେପରି ମୋବାଇଲ ହେଉଛି ଜୀବନର ମୁଖ୍ୟ ଅବଲମ୍ବନ। ରାସ୍ତାରେ ଚାଲିକି ଯାଉଥିବା ଲୋକ ହୁଅନ୍ତୁ ବା ସାଇକେଲ ଆରୋହୀ, ତେବେ ଉଦ୍‌ବେଗଜନକ ଘଟଣା ହେଉଛି ବାଇକ ହେଉ ବା କାର, ବସ ହେଉ ବା ଟ୍ରକ ମୋବାଇଲ ବ୍ୟବହାର କରି ଗାଡ଼ି ଚାଳନା ଯାହାପାଇଁ ଦୁଃଖଦ ଘଟଣାକ୍ରମରେ ଅଭାବନୀୟ ଗାଡ଼ି ଦୁର୍ଘଟଣା ସଡ଼କକୁ ରକ୍ତାକ୍ତ କରିଦେଉଛି। ଆଖି ପିଛୁଳାକେ କେବଳ ଗାଡ଼ି ଆରୋହୀର ଜୀବନ ଯାଉନି ତାଙ୍କ ପାଇଁ ଅନ୍ୟ ମାନଙ୍କ ଧନଜୀବନ ଅକାଳରେ ଚଡ଼କ ସଦୃଶ। ଗାଡ଼ି ଚଳାଇବା ସମୟରେ ଫୋନ ବ୍ୟବହାର ଅତି ବିପଜ୍ଜନକ। ଆଖି ପିଛୁଳାକେ ଜୀବନ ଯିବାର ଭୟ ଅଛି। ଅତି ଜରୁରୀ ଥିଲେ ଗାଡ଼ି ରଖିବା ପରେ ଫୋନ ବ୍ୟବହାର କରିବାକୁ ପୁଲିସ ଓ ପରିବହନ ବିଭାଗ ପରାମର୍ଶ ଦେଉଛି। ଏଥିପାଇଁ ଛକ ଛକରେ ସତର୍କତାମୂଳକ ବାର୍ତ୍ତା ଲେଖା ଯାଇଛି। ଏହା ସତ୍ତ୍ୱେ ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଲୋକମାନେ ଛାଡୁନାହାନ୍ତି। ପରିଣାମ ସ୍ୱରୂପ ଶତାଧିକ ଲୋକଙ୍କ ଜୀବନ ଅକାଳରେ ଚାଲି ଯାଉଛି। ଯେତିକି ଲୋକ ପ୍ରାଣ ହରାଉଛନ୍ତି ତା ଠାରୁ ଅଧିକ ଲୋକ ଗୁରୁତର ଆହତ ହେଉଛନ୍ତି। ଅନେକ ଆହତ ବ୍ୟକ୍ତି ସାରା ଜୀବନ ପାଇଁ ଅକର୍ମଣ୍ୟ ହୋଇଯାଉଛନ୍ତି। ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୧ରେ କେବଳ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରିଥିବା ଯୋଗୁଁ ୩୫୨ଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ଏଥିରେ ୧୨୬ ଜଣ ପ୍ରାଣ ହରାଇଛନ୍ତି। ସେହିପରି ୩୫୫ ଜଣ ଗୁରୁତର ଆହତ ହୋଇଛନ୍ତି।

ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାରକୁ ରୋକିବା ପାଇଁ ସୁପ୍ରିମ କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ରେ ମୋବାଇଲ ଫୋନ ବ୍ୟବହାର ପାଇଁ ୨୯୭ ସଡ଼କ ଦୁର୍ଘଟଣା ଘଟିଥିଲା। ସେଥିରେ ୧୨୦ ଜଣ ପ୍ରାଣ ହରାଇଥିଲେ। ଓଡ଼ିଶାରେ ସମୁଦାୟ ୯୦% ସଡ଼କ ଦୁର୍ଘଟଣା ବେପରୁଆ ପ୍ରକୃତି ପାଇଁ ଘଟୁଛି। ୨୦୧୭ ବେଳକୁ ମୋବାଇଲ ଫୋନ ବ୍ୟବହାର ପାଇଁ ସଡ଼କ ଦୁର୍ଘଟଣାରେ ଓଡ଼ିଶା ସର୍ବଭାରତୀୟସ୍ତରରେ ତୃତୀୟ ସ୍ଥାନରେ ଥିଲା। ୨୦୧୬ ଏପ୍ରିଲ ୧୭ ତାରିଖରେ ଦେବଗଡ଼ ଜିଲ୍ଲାରେ ଏକ ବସ ଦୁର୍ଘଟଣାରେ ଏକ ଅପେରା ପାର୍ଟିର ୨୭ଜଣ କଳାକାର ପ୍ରାଣ ହରାଇଥିଲେ। ସେହିବର୍ଷ ସେପ୍ଟେମ୍ବର ୯ ତାରିଖରେ ଅନୁଗୁଳର ଆଠମଲ୍ଲିକ ଠାରେ ଗୋଟିଏ ବସ ପୋଲ ତଳକୁ ଖସି ପଡ଼ିବାରୁ ୧୯ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଉଭୟ ମାମଲାରେ ବସ ଚାଳକ ଗାଡ଼ି ଚାଳକ ମୋବାଇଲ ଫୋନ ବ୍ୟବହାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଗାଡ଼ି ଚାଳକ ମୋବାଇଲ ଫୋନ ବ୍ୟବହାର କରୁଥିବା ନେଇ ଜନସାଧାରଣ ଅଭିଯୋଗ କରିବା ନିମନ୍ତେ ପରିବହନ ବିଭାଗ ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ହେଲେ ସଚେତନତା ଅଭାବରୁ ଅଭିଯୋଗ ସଂଖ୍ୟା କମ ରହିଛି। ତେବେ ବଡ଼ ବଡ଼ ମହାନଗରରେ ଜନସାଧାରଣ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଫଟୋ ଉଠାଇ ପରିବହନ କିମ୍ବା ପୁଲିସ ବିଭାଗକୁ ଟ୍ୱିଟ କରୁଛନ୍ତି। ଫଳରେ ନିୟମ ଖିଲାପକାରୀଙ୍କୁ ଚାଲାଣ କଟାଯାଇ ପାରୁଛି। ହେଲେ ଓଡ଼ିଶାରେ ସେପରି ଘଟଣା ନଗଣ୍ୟ ରହିଛି। ବର୍ତ୍ତମାନ ସମୟରେ ମୋବାଇଲ ଫୋନ ସମସ୍ତଙ୍କ ପାଇଁ ଏକ ଜରୁରୀ ସାମଗ୍ରୀ ହୋଇଛି। କିନ୍ତୁ ଅସମୟରେ ବ୍ୟବହାର କେତେ ଘାତକ ତାହା ପରିବହନ ବିଭାଗର ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ହୋଇଯାଇଛି।

ଦିନକୁ ଦିନ ସଡ଼କ ଦୁର୍ଘଟଣା ଯେଉଁପରି ଭାବରେ ବଢ଼ି ଚାଲୁଛି ତାହା ଆଜିର ସମୟ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଘଟଣାବଳୀ। ଜଣେ ଘରୁ ବାହାରିବା ପରେ ସୁରକ୍ଷିତ ଭାବେ ଯେ ଘରକୁ ଫେରିବ ତାହାର ଗ୍ୟାରେଣ୍ଟି ସେ ନିଜେ ବି ପାଇପାରିବ ନାହିଁ। ଅତିଶସ୍ତାରେ ମୋବାଇଲ ହାତ ପାହାନ୍ତାରେ ମିଳିଯାଉଥିବାରୁ, ଦ୍ୱିତୀୟତଃ କାନରେ ଇୟର ଫୋନ ଲଗାଇ ଗପି ଗପି ଗାଡ଼ି ଚଳାଇବା ମଧ ଅତ୍ୟନ୍ତ ବିପଦଜନକ ମାନସିକତା। ନିୟମିତ ବ୍ୟବଧାନରେ ରାଜ୍ୟ ସଡ଼କ ପରିବହନ ବିଭାଗ ଏପରି ଆଇନ ଖିଲାପକାରୀ ମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ବ୍ୟବସ୍ଥା କରୁଛନ୍ତି। ତେବେ ଏ କ୍ଷେତ୍ରରେ ଦଣ୍ଡ ପାଇବା ପୂର୍ବରୁ ପ୍ରଶ୍ନ ଉଠୁଛି ଆମେ ସଚେତନତା ନ ହେବା କ'ଣ ପାଇଁ? ସବୁ ସଚେତନତାକୁ ସରକାର ଓ ପ୍ରଶାସନ ଉପରେ ଲଦି ଦେଲେ ଚଳିବ ନାହିଁ। ଏ କ୍ଷେତ୍ରରେ ଆମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ସଡ଼କକୁ ସୁରକ୍ଷିତ ରଖିବା ନୁହେଁ ନିଜର ମୂଲ୍ୟବାନ ଜୀବନକୁ ବଞ୍ଚାଇ ରଖି ନିଜ ପରିବାର ଓ ସମାଜ ପାଇଁ ଜଣେ ଯଥାର୍ଥ ଦାୟିତ୍ୱବାନ ମଣିଷଟି ବୋଲି କର୍ତ୍ତବ୍ୟ ନିର୍ବାହ ନିଶ୍ଚିନ୍ତ ଭାବେ ଜୀବନ ଧର୍ମ।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋଡରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

# 'ଉଡ୍ର' ତରଫରୁ ବସ୍ତ୍ର ଓ ଛତା ବଂଟନ




ଭୁବନେଶ୍ୱର (ପିଏନ୍): 'ଉଡ୍ର' ଚାରିଟେବୁଲ୍ ଟ୍ରଷ୍ଟର ନୂତନ ପ୍ରୟାସ 'ଥିଲେ ଦିଅ, ନଥିଲେ ନିଅ' ଅଭିଯାନ ମାଧ୍ୟମରେ ବସ୍ତ୍ର ଓ ଛତା ଭୁବନେଶ୍ୱର ମହାନଗର ନିଗମର ୩୪ ନମ୍ବର ୱାର୍ଡରେ ଅବସ୍ଥିତ ସତ୍ୟନଗର ଡେଭଲପ୍‌ମେଂଟ୍ ଓ କଲଚରାଲ୍ ସୋସାଇଟି (ସତ୍ୟନଗର ହୋମ୍‌ଟାଉନ୍ ପାଖ)ରେ ବଂଟନ କରାଯାଇଥିଲା । 'ଥିଲେ ଦିଅ, ନଥିଲେ ନିଅ' କାର୍ଯ୍ୟକ୍ରମ ମାଧ୍ୟମରେ ସଂଗ୍ରହ କରାଯାଇଥିବା ପୁରୁଣା, ନୂତନ ବସ୍ତ୍ର ଏବଂ ଛତା ଯେଉଁମାନଙ୍କର ବସ୍ତ୍ରର ଅଭାବ ଓ ଛତାର ଅଭାବ ଅଛି, ସେହିମାନଙ୍କୁ ବଂଟନ କରାଯାଇଥିଲା । ବସ୍ତ୍ର ଅଭାବ ଥିବା ଏବଂ ଛତା ଅଭାବ ଥିବା ଲୋକମାନଙ୍କୁ ଖଣ୍ଡେ ବସ୍ତ୍ର ଓ ଗୋଟେ ଛତା ଦେଇ ସେହିମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ 'ଉଡ୍ର' ତରଫରୁ ଏହା ଏକ ଛୋଟ ପ୍ରୟାସ । ଏହି ବସ୍ତ୍ର ବଂଟନ କାର୍ଯ୍ୟକ୍ରମ ଓଡିଶାର ବିଭିନ୍ନ ସ୍ଥାନମାନଙ୍କରେ ବିଗତ ୬ ବର୍ଷ ହେବ ହୋଇଆସୁଅଛି । ପୂର୍ବବର୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ବସ୍ତ୍ର ବଂଟନ କରାଯାଇଥିଲା । ଏହି ଅଭିଯାନ ମାଧ୍ୟମରେ ଆପଣ ଆପଣଙ୍କର ପୁରୁଣା ବସ୍ତ୍ରକୁ ଦିଅନ୍ତୁ ଏକ ନୂତନ ଜୀବନ । ଏହି ବଂଟନ କାର୍ଯ୍ୟକ୍ରମରେ 'ଉଡ୍ର' ଚାରିଟେବୁଲ୍ ଟ୍ରଷ୍ଟର ପରାମର୍ଶଦାତା ତଥା ମୋକଲେଜ ଅଧ୍ୟକ୍ଷ (ଓଡିଶା ସରକାର) ଆକାଶ ଦାସନାୟକ, ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଅନନ୍ତ ନାରାୟଣ ଜେନା (ବିଧାୟକ, ଭୁବନେଶ୍ୱର), ସୁଲୋଚନା ଦାସ (ମେୟର, ଭୁବନେଶ୍ୱର ମହାନଗର ନିଗମ), ପୁଷ୍ପାଳୀ ସେଠୀ (କର୍ପୋରେଟର, ୱାର୍ଡ ନଂ-୩୪), ନରେନ୍ଦ୍ର କୁମାର ସେଠୀ, ରୁଦ୍ରାକ୍ଷ ପାଣିଗ୍ରାହୀ, ରାଜେନ୍ଦ୍ର ଆଚାର୍ଯ୍ୟ, ଲୋକନାଥ ପଣ୍ଡା, ମମତା ରାଉତ, ତୁଷାର ପଟ୍ଟନାୟକ, ଶୀତଲ୍ ପାତ୍ର, ଜିନା ସାମଲ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଭୋଳ, ଦେବୀପ୍ରସାଦ ମଙ୍ଗରାଜ, ପ୍ରଭାତ ଶତପଥି, କିଶୋର ଦାସ, ଭାଗ୍ୟଧର ସାମଲ, ବାବୁ ବାବୁ, ପଓ୍ୱନ ପାତ୍ରୋ, ଜୋଷିକା ବୋଷ, ତାପି ମିଶ୍ର ଓ 'ଉଡ୍ର' ପରିବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ରାଇସୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

କେନ୍ଦୁଝର (ପିଏନ୍): ସଦର ବ୍ଲକ ରାଇସୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ଗତ ତା୨୨/୪/୨୨ରିଖରେ ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ରତିନ୍ଦ୍ର କୁମାର ପରିଡା ଏହି ସଭାରେ ସଭାପତିତ୍ୱ କରି ସାମ୍ପ୍ରତିକ ସମୟରେ ସମାଜରେ ବାଳିକାମାନଙ୍କର ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୮୬ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି ବୋଲି କାର୍ଯ୍ୟକ୍ରମ ଅଧିକାରୀ ଡଃ. ଆଶିଷ କୁମାର ରାଉତ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଜାତା ମହାପାତ୍ର, ପୁନମ୍ ମିଶ୍ର, ଅଧ୍ୟାପକ ବିପିନବିହାରୀ ସାହୁ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ପରିଶେଷରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।




## ସିକ୍ୟୁଏର ଲାଇଫ୍ ଚିଟଫଣ୍ଡ ସଂସ୍ଥାର ଏମଡିଙ୍କୁ ଗିରଫ କଲା ଗୁଜୁରାଟ ପୋଲିସ

ଗଞ୍ଜାମ, ୧୬।୫(ପି.ଏନ): ସିକ୍ୟୁଏର ଲାଇଫ୍ ଚିଟଫଣ୍ଡ ସଂସ୍ଥାର ଏମଡି ବବୃବାହନ ନାୟକଙ୍କୁ ଠକେଇ ଅଭିଯୋଗରେ ଗିରଫ କରିଛି ଗୁଜୁରାଟ ପୋଲିସ । ଗାଙ୍ଗପୁର ପୋଲିସ ସହାୟତାରେ ଗୁଜୁରାଟ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି । ବବୃବାହନ ଗୁଜୁରାଟରେ ଏହି ଚିଟଫଣ୍ଡ ସଂସ୍ଥା ଖୋଲି ଲୋକଙ୍କୁ ଅତ୍ୟଧିକ ଲାଭର ଲୋଭ ଦେଖାଇ ଶହ ଶହ ଜମାକାରୀଙ୍କ ଠାରୁ କୋଟି କୋଟି ଟଙ୍କା ଠକେଇ କରିଥିବା ଜଣାପଡିଛି । ଗୁଜୁରାଟ ପୋଲିସର ଖୋଳତାଡ଼ ପରେ ସେ ସେଠାରୁ ଗଞ୍ଜାମ ଚାଲି ଆସିଥିଲେ । ଗୁଜୁରାଟ ପୋଲିସ ତାଙ୍କର ସନ୍ଧାନ ପାଇ ଗଞ୍ଜାମରେ ପହଂଚି ଗାଙ୍ଗପୁର ପୋଲିସ ସହାୟତାରେ ବବୃବାହନଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

## ଶ୍ରୀମନ୍ଦିର ନାଟ ମଣ୍ଡପରେ ଚଢ଼ିଥିବା ଯୁବକଙ୍କୁ କାବୁ କଲା ପୋଲିସ

ପୁରୀ, ୧୬।୫(ପି.ଏନ): ଶ୍ରୀମନ୍ଦିର ନାଟ ମଣ୍ଡପରେ ଚଢ଼ିଥିବା ଜଣେ ଯୁବକଙ୍କୁ କାବୁ କରିବା ସହ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି ସିଂହଦ୍ୱାର ଥାନା ପୋଲିସ । ଯୁବକ ଜଣକ କୋଲକାତା ବେଲଡଙ୍ଗାର ଅଂଚଳର ହୋଇଥିବା ସୂଚନା ମିଳିଛି । ତେବେ କ'ଣ ପାଇଁ ସେ ନାଟମଣ୍ଡପରେ ଚଢିଥିଲେ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ ।ପ୍ରକାଶ ଥାଉ କି, ଗତ କିଛି ଦିନ ତଳେ ଜଣେ କିନ୍ନର ଶ୍ରୀମନ୍ଦିର ସିଂହଦ୍ୱାର ମୁଖଶାଳା ଉପରୁ ତଳକୁ ଡେଇଁ ପ୍ରାଣ ହରାଇଥିଲେ । ତେବେ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିବା ଦ୍ୱାରା ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଅଭିଯୋଗ, ମୁଖ୍ୟ ଅଭିଯୁକ୍ତ ଗିରଫ

ଗଞ୍ଜାମ, ୧୬।୫(ପି.ଏନ): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର କଳମ୍ବ ହାଇସ୍କୁଲ ନିକଟରେ ରାସ୍ତା ମଝିରେ ଗତ ଶନିବାର ମଧ୍ୟରାତ୍ରରେ ବିକାଶ ସାହୁ ଓରଫ କାଉ ନାମକ ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ହତ୍ୟା କରି ମୃତଦେହକୁ ରାସ୍ତାରେ ପକାଇ ଚାଲିଯାଇଥିଲେ । ଘଟଣାରେ ବିକାଶଙ୍କ ପରିବାର ପକ୍ଷରୁ ପୋଲସରା ଥାନାରେ ଏତଲା କରାଯାଇଥିଲା । ପୂର୍ବ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଥିବା ଏତଲାରେ ଦର୍ଶାଯାଇଥିଲା । ଏତଲାକୁ ଭିତି କରି ଥାନାରେ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ପୋଲିସ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି । ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡାକୁ ମଧ୍ୟ ଜବତ କରିଛି । ଆଜି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି ପୁରୁଷୋତମପୁର ଏସଡିପିଓ ।

# ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ତିନି ଦିନିଆ କୃତ୍ରିମ ଅଙ୍ଗ ଓ ସହାୟକ ଅଙ୍ଗ ମାପ ଶିବିର
## ୬୯ ଜଣ ଭିନ୍ନକ୍ଷମ ଶିଶୁ ଓ ବ୍ୟକ୍ତିଙ୍କ ମାପ ନିଆଗଲା

କନ୍ଧମାଳ, ୧୬।୫(ପି.ଏନ): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀରେ ଥିବା ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ଗତ ୧୨, ୧୩, ୧୪ ରିଖ ତିନ ଦିନ ବ୍ୟାପୀ ଭିନ୍ନକ୍ଷମ ପିଲା ଓ ବ୍ୟକ୍ତିମାନଙ୍କର କୃତ୍ରିମ ଅଙ୍ଗ ଓ ସହାୟକ ଅଙ୍ଗର ମାପ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ଉଦଘାଟନ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୯୮ଜଣ ଭିନ୍ନକ୍ଷମ ପିଲା ଓ ବ୍ୟକ୍ତି ପଞ୍ଜିକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୬୯ଜଣଙ୍କର ୧୨୭ ଟି ସହାୟକ ଅଙ୍ଗ ଓ ୫ଟି କୃତ୍ରିମ ଅଙ୍ଗର ମାପ ନିଆ ଯାଇଥିଲା । ଭୁବନେଶ୍ୱର ସ୍ଥିତ 'ଅତ୍ୟାଧୁନିକ ଥଇଥାନ କେନ୍ଦ୍ର'ର ପ୍ରୋସ୍ଥେଟିକ୍ ଓ ଅର୍ଥୋଟିକ୍ ଇଂଜିନିୟର ବିକାଶ ଜେନା ଓ ଉଦୟନାଥ ମହାରଥି ମାପ ନେଇଥିଲେ । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଯାନ ମାଧ୍ୟମରେ ପିଲାମାନଙ୍କୁ ନେବା ଆଣିବା କରାଯାଇଥିଲା । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ପ୍ରଧାନ ସଂଯୋଜନା କରିଥିଲେ । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ନିପିଡ଼ିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଭିନ୍ନକ୍ଷମ ପିଲାମାନଙ୍କୁ ଚିହ୍ନଟିକରଣ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ, ସମଗ୍ର ଶିକ୍ଷାର ଗୋଷ୍ଠି ସମ୍ବଳ ଶିକ୍ଷକ, ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର କର୍ମଚାରୀ ଓ ନିପିଡ଼ିତ ସଂସ୍ଥାର କର୍ମଚାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଏହି ଶିବିରକୁ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଅଧିକାରୀ ଅକ୍ଷୟ କୁମାର ପଣ୍ଡା ଓ ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବଡ଼ସେଠ୍ ପରିଚାଳନା କରିଥିଲେ । ଆଗାମୀ ଦିନରେ ବିଭିନ୍ନରେ ବ୍ଲକ୍ରେ ଏଭଳି କୃତ୍ରିମ ଅଙ୍ଗ ଓ ସହାୟକ ଅଙ୍ଗ ଶିବିର ଅନୁଷ୍ଠିତ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି । ଉପରୋକ୍ତ ଅଙ୍ଗ ସବୁକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣା ଦିଆଯିବାର ବନ୍ଦୋବସ୍ତ କରାଯାଇଛି । ଯଦି ଜିଲ୍ଲାରେ କୌଣସି ଭିନ୍ନକ୍ଷମ ବ୍ୟକ୍ତି ଓ ପିଲା ଏହି ସବୁକୁ ପାଇବା ପାଇଁ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ନିବେଦନ କରାଯାଉଅଛି ।

# କେନ୍ଦୁଝରରେ ପାନୀୟଜଳ ସମସ୍ୟା ଉତ୍କଟ ହେଉଛି : ନିଦାବିଷ୍ଟ ଭୂମିକାରେ ପ୍ରଶାସନ

କେନ୍ଦୁଝର, ୧୬।୫(ପି.ଏନ): କେନ୍ଦୁଝର ଜିଲ୍ଲାରେ ଦିନକୁ ଦିନ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଛି । ପାନୀୟ ଜଳ ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ । ସ୍ୱାଧୀନତାର ଦୀର୍ଘ ପ୍ରାୟ ୭୪ ବର୍ଷ ପରେ ବି ଏହି ସମସ୍ୟା ଜିଲାର ମୁଖ୍ୟ ସମସ୍ୟା ଭାବେ ଆଜି ବି ଠିଆ ହୋଇଛି । ଜିଲ୍ଲାର ଅଧିକାଂଶ ଗ୍ରାମାଂଚଳରେ ଏହି ସମସ୍ୟା । ଡହ ଡହ ଖରାରେ ଅନେକ ଅଂଚଳର ମହିଳାମାନଙ୍କୁ ପାନୀୟଜଳ ଟୋପାଏ ପାଇଁ ପାଦରେ ଚାଲି ଚାଲି କିଲୋମିଟର କିଲୋମିଟର ଯିବାକୁ ପଡୁଛି । ରାଜନୈତିକ ଇଚ୍ଛା ଶକ୍ତି ସହ ସଚେତନନତାର ଅଭାବ ସାଙ୍ଗକୁ ମୋଟା ଅଙ୍କର ଦରମାପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଆଗ୍ରହର ଅଭାବ କାରଣରୁ କେନ୍ଦୁଝର ଭଳି ଅବିଭକ୍ତ ଜିଲ୍ଲାରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇ ପାରୁନଥିବା ଘଟଣାକୁ ଏଡାଇ ଦିଆଯାଇ ପାରିବ ନାହିଁ ବୋଲି ବହୁଳ ମତ ପ୍ରକାଶ ପାଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ବ୍ଲକ ଅଂଚଳରେ ।ଯେଉଁ ଆଦିବାସୀଙ୍କ ପାଇଁ ସରକାର କାନ୍ଦୁଛନ୍ତି ସେହି ଆଦିବାସୀ ମହିଳା ମାନେ ପ୍ରବଳ ଖରାରେ ଗୋଡ ପୋଡି ଯାଉଥିବା ବେଳେ ପାଣି ଟୋପାଏ ପାଇଁ ପାଦରେ ଚାଲି ଚାଲି କିଲୋମିଟର କିଲୋମିଟର ଯାଉଥିବା ଦେଖିବାକୁ ମିଳୁଛି । ଯେଉଁଥିରୁ କେନ୍ଦୁଝର ଜିଲ୍ଲାର ବିକାଶ କିଭଳି କେବଳ କାଗଜ କଲମରେ ଚାଲିଛି ତାହା ଏକ ପ୍ରକାର ସ୍ପଷ୍ଟ ହୋଇଛି । ଜିଲ୍ଲାରେ ଡିଏମ ଫଣ୍ଡରେ ପର୍ଯ୍ୟାପ୍ତ ଅର୍ଥ ରହିଥିବା ବେଳେ ନିର୍ଦ୍ଦିଷ୍ଟ କେତେକ ଏନଜିଓଙ୍କ ମାଧ୍ୟମରେ କାମ ମଧ ହେଉଛି । କିନ୍ତୁ, ଗ୍ରାମାଂଚଳର ନିରୀହ ଲୋକମାନେ ପାନୀୟ ଜଳ ଭଳି ସେମାନଙ୍କର ମୌଳିକ ଅଧିକାରରୁ ବଂଚିତ ହେଉଛନ୍ତି । ଜିଲ୍ଲାର ତେଲକୋଇ ବ୍ଲକର ତାଳପଦା ପଂଚାୟତ ଅନ୍ତର୍ଗତ ପଙ୍ଗା ଗାଁର ମୁଣ୍ଡା ସାହୀ ତାହାର ଏକ ଜ୍ୱଳନ୍ତ ଉଦାହରଣ । ସରକାରଙ୍କର ଲୋକାଭିମୁଖୀ ଯୋଜନା ସହ ସରକାରଙ୍କର ତଥାକଥିତ ବିକାଶ ଯେପରି ଏମାନଙ୍କ ପାଇଁ ପାଲଟିଛି ସାତସପନ । ଏହି ତଥାକଥିତ ବିକାଶରେ ମୁଣ୍ଡା ସାହିକୁ ନାଁ ଅଛି ଖଣ୍ଡିଏ ରାସ୍ତା ନା ଅଛି ପାନୀୟଜଳର ବ୍ୟବସ୍ଥା । ସାହିରେ ନଳକୂପ ରହିଛି ସତ କିନ୍ତୁ ସେଥିରୁ ଖାଲି ଗୋଳିଆ ପାଣି ହିଁ ବାହାରୁଛି । ଯାହା ଆଦୌ ବ୍ୟବହାର ଉପଯୋଗୀ ନୁହେଁ । ଏହି ଗୋଳିଆପାଣି ବ୍ୟବହାର କରି ମଧ ଅଂଚଳର ଲୋକମାନେ ଚର୍ମ ରୋଗ, ପେଟରୋଗ ଆଦିରେ ପଡୁଛନ୍ତି । ଫଳରେ ଏହି ଆଦିବାସୀ ପ୍ରଜା ମାନଙ୍କ ପାଇଁ ଏବେ ଚୁଆ ପାଣି ଏକମାତ୍ର ଭରସା । ଡହ ଡହ ଖରାରେ କାଖରେ ଛୋଟ ପିଲା ଓ ମୁଣ୍ଡରେ ଗରା ଧରି ସାହିର ମହିଳାମାନେ ପାଣି ଟୋପାଏ ପାଇଁ ଜଙ୍ଗଲ ରାସ୍ତାରେ ଚାଲି ଚାଲି ଯାଇଥାଆନ୍ତି ପ୍ରାୟ ୨ କିଲୋମିଟରରୁ ଅଧିକ ରାସ୍ତା । ଜଙ୍ଗଲ ରାସ୍ତାରେ ବଣୁଆ ଜନ୍ତୁଙ୍କ ଭୟ ଥିବାରୁ ମହିଳା ମାନଙ୍କ ସହ ପୁରୁଷ ମାନଙ୍କୁ ମଧ ଯିବାକୁ ପଡିଥାଏ । ଏହି ଚୁଆ ପାଣିକୁ ଲୋକମାନେ ବାଧ ହୋଇ ଜୀବନବିକଳରେ ପିଉଛନ୍ତି ସିନା କିନ୍ତୁ ତାହା ମଧ ପାନୀୟ ପାଇଁ ଉପଯୁକ୍ତ ନୁହେଁ ବୋଲି କହିଛନ୍ତି ଶାନ୍ତିଲତା ମୁଣ୍ଡା , ପାଲମା ମୁଣ୍ଡ , ମୀନତି ପିଓ ପ୍ରମୁଖ ମହିଳାମାନେ । କିନ୍ତୁ ସେମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ସରକାର ଓ ଜିଲ୍ଲା ପ୍ରଶାସନ କେବେ ଏମାନଙ୍କ ଦୁଖ ବୁଝୁଛନ୍ତି ତାହା ହିଁ କେବଳ ଦେଖିବାକୁ ବାକି ରହିଲା ।

# ଆରଏମସିରେ ନିର୍ଦ୍ଦିଷ୍ଟ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା, ୯ କୋଟି ଟଙ୍କାର ଟେଣ୍ଡର ଫିକ୍ସିଂ ହୋଇଛି- କଂଗ୍ରେସ ନେତା ରଶ୍ମୀ ରଂଜନ ପାଢୀ

ରାଉରକେଲା, ୧୬।୫(ପି.ଏନ): ରାଉରକେଲା ମହାନଗର ନିଗମ (ଆରଏମସି)ରେ ଦିର୍ଘ ୮ ବର୍ଷ ଧରି ଗୋଟିଏ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇ ସଫେଇ କାମରେ ୯ କୋଟି ଟଙ୍କାର ଟେଣ୍ଡର ଫିକ୍ସିଂ କରାଯାଇଛି । ଏନେଇ ରାଜ୍ୟ ଭିଜିଲାନ୍ସ ତଦନ୍ତ କରିବା ଲାଗି ଆଜି ରାଉରକେଲାର ଉଦିତନଗର ଅଂଚଳରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ କଂଗ୍ରେସର ପୂର୍ବତନ ସଂପାଦକ ରଶ୍ମୀ ରଂଜନ ପାଢୀ ଦାବି କରିଛନ୍ତି । ଆରଟିଆଇ ତଥ୍ୟକୁ ଆଧାର କରି ଶ୍ରୀ ପାଢୀ କହିଛନ୍ତି ଯେ, ଆରଏମସି ରେ ୮ଟି ୱାର୍ଡରେ ସଫେଇ କାମ କରୁଥିବା ଏନଭି କେୟାର ନାମକ ଠିକା ସଂସ୍ଥାକୁ ବିନା ଟେଣ୍ଡରରେ ସଫେଇ କାମ ଦିଆଚାଲିଛି । ଗତ ମାର୍ଚ୍ଚ ସୁଦ୍ଧା ଏହି ସଂସ୍ଥା ମହାନଗର ନିଗମ ଠାରୁ ପ୍ରାୟ ୯କୋଟୀ ଟଙ୍କା ନେଇ ସାରିଲାଣି, କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହିକି ଯେ, ବିନା ଖୋଲା ଟେଣ୍ଡରେ ଏହି କାମ ଦିଆ ଚାଲିବା ସହ ଏହି ଆରଏମସିରେ କାମ କରିଥିବା ଓ କରୁଥିବା ବାବୁ ମାନେ ଏହି ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇ ସରକାରୀ ନୀତି ନିୟମକୁ କୁଠାରଘାତ କରିଚାଲିଛନ୍ତି । ରାଉରକେଲା ମହାନଗର ବାସୀ ହୋଲଡିଂ ଟିକସ ଦେଇ ସହରର ଉନ୍ନତି କରିବାକୁ ସ୍ୱପ୍ନ ଦେଖୁଥିବା ବେଳେ ,ଏଠାରେ କିଛି ବାବୁ ଏହିଭଳି ଠିକା ସଂସ୍ଥାକୁ ପୋଷିବା ସହ ନିଜେ ମସଗୁଲ ରହୁଥିବା ଅଭିଯୋଗ ହୋଇଛି । ମହାନଗର ନିଗମର ୧୫ରୁ ୨୨ନମ୍ବର ୱାର୍ଡ ଲାଗି ଏନଭିକେୟାର ନାମକ ଠିକା ସଂସ୍ଥାକୁ ସଫେଇଲାଗି ନିୟୋଜିତ କରାଯାଇଛି । ଏହି ନିୟୋଜନରେ କୌଣସି ଟେଣ୍ଡର କରାଯାଇ ନାହିଁ, ମାସିକ ଏହି ସଂସ୍ଥାକୁ ୭ ଲକ୍ଷ ୭୦୩ ଟଙ୍କା ଦିଆଯାଉଥିବା ବେଳେ ବର୍ତ୍ତମାନ ୩ ଲକ୍ଷ ୪୩ ହଜାର ଟଙ୍କା ବଢାଇଦେଇ ମାସିକ ୧୧ଲକ୍ଷ ୨୦ ହଜାର୬୦୨ ଟଙ୍କା ଦିଆଯାଉଥିବା ଅଭିଯୋଗ ହୋଇଛି । ବିନା ଟେଣ୍ଡରରେ କାମ ଦିଆ ଚାଲିଥିବା ବେଳେ ଆରଏମସିର ଜଣେ ଡେପୁଟୀ କମିଶନର ଏହି ସଂସ୍ଥାକୁ କାମ ଦେବାଲାଗି ୧୨ ଥର ବିଭିନ୍ନ ସମୟରେ ସୁପାରିଶ କରିବା କଥା ଆମ ସ୍ୱଚ୍ଛ ଶାସନ ଓ ୫-ଟି ବ୍ୟବସ୍ଥା ଉପରେ ପ୍ରଶ୍ନ ଲଗାଇବା ସ୍ୱାଭାବିକ କଥା ବୋଲି ଶ୍ରୀ ପାଢୀ କହିଛନ୍ତି । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ରାଉରକେଲା ମହାନଗରରେ ଏହି ଗୋଟିଏ କେଳେଙ୍କାରୀ ନୁହେଁ, ଅନେକ କେଳେଙ୍କାରୀ ଲାଗି ରହିଛି, ହେଲେ ଆମ ରାଉରକେଲା ଭିଜିଲାନ୍ସକୁ ଗୋଟିଏ ହେଲେ ଦେଖା ଯାଉନାହିଁ । ଖୋଦ ଜଣେ ଯୁବନେତା ଆରଟିଆଇ ତଥ୍ୟ ବଳରେ ୯ କୋଟି ଟଙ୍କାର ଟେଣ୍ଡର ଫିକ୍ସିଂ ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ଲାଗି ଦାବି କରିବା ପରେ ଭିଜିଲାନ୍ସ ବିଭାଗ ଏହାକୁ କିଭଳି ତଦନ୍ତ କରୁଛି ଓ ସେ କେଉଁ ଡେପୁଟୀ କମିଶନର ଯିଏ କି ଏତେ ଅନୁକମ୍ପା ଏହି ଠିକା ସଂସ୍ଥାକୁ ଦେଖାଇଛନ୍ତି ତାଙ୍କ ଉପରେ କିପ୍ରକାର କାର୍ଯ୍ୟାନୁଷ୍ଠାନ ହେଉଛି ତାକୁ ଦେଖିବାକୁ ବାକି ରହିଲା । ଯଦି ଏନେଇ ସଠିକ ସମୟରେ ସଠିକ ତଦନ୍ତ କରା ନଯାଏ ତେବେ ଖୁବ ଶିଘ୍ର ନ୍ୟାୟାଳୟରେ ମାମାଲା କରାଯିବାର ବ୍ୟବସ୍ଥା କରାଜିବ ବୋଲି ଶ୍ରୀ ପାଢୀ କହିଛନ୍ତି ।

# ଅନୈତିକ ସମ୍ପର୍କରୁ ହତ୍ୟାକାଣ୍ଡ ;ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ, ୨ ନାବାଳକ ଥାନାରେ ଅଟକ

କେନ୍ଦୁଝର, ୧୬।୫(ପି.ଏନ): ମାଆ ସହ ଜଣେ ଯୁବକକୁ ଆପତିଜନକ ଅବସ୍ଥାରେ ଦେଖି ମହିଳାଙ୍କ ଦୁଇ ନାବାଳକ ପୁଅ ସମ୍ପୃକ୍ତ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଚଂଳ ଅନ୍ତର୍ଗତ ୧ନଂ ୱାର୍ଡ଼ ଶାସ୍ତ୍ରୀନଗରରେ ଅଂଚଳରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ଗତକାଲି ରାତିରେ ମହିଳାଙ୍କ ଦୁଇ ନାବାଳକ ପୁଅ ଏହା ଦେଖି ଉତେଜିତ ହୋଇପଡିଥିଲେ । ସେମାନେ ସମ୍ପୃକ୍ତ ଯୁବକକୁ ନିଜ ଘର ସାମ୍ନାରେ ଥିବା ଏକ ଖୁଂଟରେ ବାନ୍ଧି ଲୁହାରଡ଼ରେ ନିସ୍ଠୁକ ପିଟି ଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଯୋଡା ସ୍ଥିତ ଟାଟା ଷ୍ଟିଲ ହସ୍ପିଟାଲରେ ଭର୍ତି କରାଯାଇଥିଲା । ହେଲେ ସେଠାରେ ଚିକିସାଧିନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ନାମ ସେକେଣ୍ଡ ମହାକୁଡ଼ । ଏ ସଂକ୍ରାନ୍ତରେ ଯୋଡ଼ା ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଦୁଇ ନାବାଳକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଥିବା ନେଇ ଯୋଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁ ସୂଚନା ଦେଇଛନ୍ତି ।

# ନିଖିଳ ଉତ୍କଳ ବାରିକ ସଂଘ, କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ

କନ୍ଧମାଳ, ୧୬ ।୫(ପି.ଏନ): ଫୁଲବାଣୀ ମା ନାରାୟଣୀ ମନ୍ଦିର ପରିସରରେ ନିଖିଳ ଉତ୍କଳ ବାରିକ ସଂଘ,କନ୍ଧମାଳ ଜିଲ୍ଲା ଶାଖାର ଏକ ସାଧାରଣ ପରିଷଦ ବୈଠକ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଫୁଲବାଣି ପୌରାଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ଯୋଗ ଦେଇଥିବାବେଳେ ପୁରୀ ଜିଲ୍ଲାରୁ ରାଜ୍ୟ ସଂଘର ସମ୍ପାଦକ କୁଳମଣି ବାରିକ ଏବଂ କଳାହାଣ୍ଡି ଜିଲ୍ଲାର କମ୍ବୁପାଣି ବାରିକ ଯୋଗ ଦେଇଥିଲେ । କନ୍ଧମାଳ ଜିଲ୍ଲା ଶାଖାର ସଭାପତି ଭାଗବତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶଙ୍କର ବେହେରା ଅତିଥି ସ୍ୱାଗତ କରିବା ଅବସରରେ ସଂଘ ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ବିଧାୟକ ଶ୍ରୀ କହଁର ବାରିକ ଜାତିର ଲୋକେ କେଉଁ ଆଦିମ କାଳରୁ ସ୍ୱଳ୍ପ ପାରିଶ୍ରମିକରେ ସମାଜର ସେବା କରି ଆସୁଛି ହେଲେ ସେମାନଙ୍କର ଅଧିକାର ପାଇବାରୁ ବଂଚିତ ହୋଇଛନ୍ତି । ଏହାର କାରଣ ସେମାନେ ସଂଗଠିତ ହୋଇ ସେମାନଙ୍କର ଅଧିକାର ପାଇବାକୁ ପ୍ରଚେଷ୍ଟା କରିନାହାନ୍ତି । ତେଣୁ ସେମାନଙ୍କୁ ସଂଗଠିତ ହୋଇ ସରକାରଙ୍କ ନିକଟରେ ସେମାନଙ୍କର ନ୍ୟର୍ଯ୍ୟଦାବୀ ପାଇବାରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଫୁଲବାଣୀ ପୌରାଧ୍ୟକ୍ଷା ଶ୍ରୀମତୀ ମହାନ୍ତି ବାରିକ ଜାତିର ଲୋକଙ୍କୁ ସେମାନଙ୍କର ସାମୁହିକ ସ୍ୱାର୍ଥ ପାଇଁ ନିଜନିଜର ସାମାନ୍ୟ ସ୍ୱାର୍ଥକୁ ତ୍ୟାଗ କରିବା ଦରକାର ବୋଲି କହିଥିଲେ । ସେହିପରି ରାଜ୍ୟ ସମ୍ପାଦକ କୁଳମଣି ବାରିକ, ପୌରାଣିକ ଯୁଗରୁ ଐତିହାସିକ ଯୁଗ ଏବଂ ଆଜି ପର୍ଯ୍ୟନ୍ତ ଏହି ଜାତିର ଲୋକେ ସମାଜକୁ ସ୍ୱଳ୍ପ ପାଉଣାରେ ସେବା ଯୋଗାଇ ଆସିଛନ୍ତି । ହେଲେ ସମାଜ, କିମ୍ବା କୌଣସି ସରକାର ସେମାନଙ୍କୁ କୌଣସି ସହାୟତା କିମ୍ବା ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଚିହ୍ନଟ କରି କୌଣସି ସହାୟତା ଦେଇନାହାନ୍ତି । ଏପରିକି କୋଭିଡ କାଳରେ ବାରିକ ମାନେ ଜୀବନ ଜିବୀକା ହରାଇଛନ୍ତି । ହେଲେ ସରକାର ବାରିକ ମାନଙ୍କୁ କୌଣସି ସହାୟତା ପ୍ରଦାନ କରିନାହାନ୍ତି,ରାଜ୍ୟରେ ଏହି ଜାତିର ଲୋକଙ୍କ ସଂଖ୍ୟା ସମୁଦାୟ ଲୋକ ସଂଖ୍ୟାର ୭ ପ୍ରତିଶତରୁ ଅଧିକ ହୋଇଥିଲେ ହେଁ ସରକାର ସେମାନଙ୍କ ବାବଦରେ କୌଣସି ସହାୟତା ମୂଳକ ପଦକ୍ଷେପ ନେଉନାହାନ୍ତି । ବାରିକ ସମାଜ ସଂଗଠିତନ ହେବା ଏହାର କାରଣ ବୋଲି କହିଥିଲେ । ଶେଷରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓପିଟିସିଏଲ ଡିଜିଏମ ଯଶୋବନ୍ତ ଚୌଧୁରୀଙ୍କୁ ୫ ବର୍ଷ ଜେଲ୍

ବାରିପଦା, ୧୬।୫(ପି.ଏନ): ପୂର୍ବତନ ବାରିପଦା ଓପିଟିସିଏଲ ଡିଜିଏମ ତଥା ବର୍ତ୍ତମାନର ଭୁବନେଶ୍ୱର ସେକ୍ସନ- ୧ ଡିଜିଏମ ଯଶୋବନ୍ତ ଚୌଧୁରୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ । ଏଥିସହ ତାଙ୍କୁ ୪୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରାଯାଇଛି । ଜୋରିମାନା ଅନାଦେୟ ତାଙ୍କୁ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ରାୟ ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୭ ରେ ୩ ହଜାର ଟଙ୍କା ଲାଂଚ ନେଇ ସେ ଧରାପଡିଥିଲେ । ଏ ସଂକ୍ରାନ୍ତରେ ମାମଲା ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରାଧିନ ଥିଲା । ମାମଲାର ବିଚାରଣା କରି କୋର୍ଟ ଆଜି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

## ଏମକେସିଜି ମେଡିକାଲର ବିଭିନ୍ନ ସମସ୍ୟା ନେଇ ଆସନ୍ତାକାଲିଠୁ ବିଜେପିର ତିନି ଦିନିଆ ଧାରଣା

ଗଞ୍ଜାମ, ୧୬।୫(ପି.ଏନ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଗତ କିଛି ମାସ ଧରି ବିଭିନ୍ନ ସମସ୍ୟା ଦେଇ ଗତି କରିଆସୁଛି । ଡାକ୍ତର ଅଭାବ ଯୋଗୁଁ ଏଠାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଏହାର ପ୍ରତିବାଦରେ ଆସନ୍ତା କାଲି ଠାରୁ ତିନି ଦିନ ଧରି ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ମେଡିକାଲ ସମ୍ମୁଖରେ ଧାରଣା ଦିଆଯିବା ପାଇଁ ନିଷ୍ପତି ହୋଇଛି । ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି ବିଭୂତିଭୂଷଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରୁ ବହୁ ସଂଖ୍ୟାରେ କର୍ମୀ ଏହି ଧାରଣାରେ ଯୋଗଦେବାକୁ ଏବଂ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ କରାଯାଇଛି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଘୁମୁସର ଜିଲ୍ଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ନୀଳମଣି ବିଶୋଇ, ସରୋଜ ସାବତ ପ୍ରମୁଖ ଯୋଗ ଦେଇଥିଲେ ।

## ସନାତନ ମହାନ୍ତି ଶିକ୍ଷା ଓ ସଂସ୍କୃତିର ମହନୀୟ ଶିରୋନାମା, ପ୍ରଫେସର ଡଃ ସନାତନ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ

ଭଦ୍ରକ, ୧୬।୫(ପି.ଏନ): ସେ କେବଳ ଅର୍ଥନୀତି ବିଭାଗର କୃତି ଅଧ୍ୟାପକ ନଥିଲେ, ଥିଲେ ସାମାଜିକ କର୍ମଧାରାର ଅଗ୍ରଦୂତ । ସମାଜରେ ଧନୀ ହେବାର କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ନଥାଏ । ବ୍ୟବସ୍ଥା ପାଇଁ ଅର୍ଥନୀତି କେବଳ ନୁହେଁ, ମୂଳତଃ ଜୀବନ ପାଇଁ ଏହା ପ୍ରଜୁଜ୍ୟ । ଗାନ୍ଧି ବିଚାରଧାରାର ମାନବବାଦୀ ଦର୍ଶନକୁ ଉଜ୍ଜୀବିତ କରିବା ସହିତ ମଣିଷର ସମ୍ପତି ଓ ଧନଲାଳସା ଉପରେ ଏକ ଅନ୍ତରୀଣ ସଚେତନତା ବାର୍ତା ପ୍ରଦାନ କରୁଥିଲେ ବିଶିଷ୍ଟ ଶିକ୍ଷାବିତ୍, ସାରସ୍ୱତ ସାଧକ, ସଂଗଠକ ତଥା ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ପ୍ରଶାସକ ପ୍ରଫେସର ଡକ୍ଟର ସନାତନ ମହାନ୍ତି । ବାସ୍ତବରେ ସେ ଥିଲେ ଓଡ଼ିଶାର ଶିକ୍ଷା ଓ ସଂସ୍କୃତି ଜଗତର ଏକ ମହନୀୟ ଶିରୋନାମା ବୋଲି ଭଦ୍ରକ ଟାଉନହଲଠାରେ ରବିବାର ସନ୍ଧ୍ୟାରେ ପ୍ରଫେସର ଡ. ସନାତନ ମହାନ୍ତି ସ୍ମୃତିନ୍ୟାସ କମିଟି ପକ୍ଷରୁ ଅନୁଷ୍ଠିତ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ସ୍ମୃତିଚାରଣ କରି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସ୍ମୃତିନ୍ୟାସର ସଭାପତି ପ୍ରଫେସର ଡ. ଶୈଳେନ୍ଦ୍ର କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଓ କାର୍ଯ୍ୟକାରୀ ସଭାପତି ଅଜୟ ନାୟକଙ୍କ ସଂଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କିଶୋର କୁମାର ବାସା ଯୋଗଦେଇ ଓଡ଼ିଶାର ଶିକ୍ଷା, ସାହିତ୍ୟ, ସମାଜ ଓ ସଂସ୍କୃତି ପ୍ରଭୃତି ବହୁବିଧ କ୍ଷେତ୍ରରେ ପ୍ରଫେସର ମହାନ୍ତିଙ୍କର ଏକ ସ୍ୱର୍ଣ୍ଣିମ ସ୍ୱାକ୍ଷର ରହିଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ କଥାକାର ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ ପ୍ରଫେସର ମହାନ୍ତିଙ୍କ ସ୍ୱର୍ଦ୍ଧିତ ଓ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱର ବିବିଧ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ନାରୀକବି ବିଦ୍ୟୁତପ୍ରଭା ଦେବୀଙ୍କ ଜ୍ୟେଷ୍ଠପୁତ୍ର ତଥା କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଓ ଓଡ଼ିଶା ସଂସ୍କୃତି ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାବନ୍ଧିକ ଡାକ୍ତର ଦୁର୍ଯ୍ୟୋଧନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡଃ ଶଶଧର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରରେ ସ୍ମୃତି କମିଟି ପକ୍ଷରୁ ପ୍ରକାଶିତ ସ୍ମରଣିକା 'ସଜ୍ଜନ ସନାତନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ୍ ଓ ସାଥୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ 'ଫେରି ଚାହିଁବାର ବେଳ' ଓ 'ବନ୍ଦେ ଉତ୍କଳ ଜନନୀ' ପରିବେଷିତ ହୋଇଥିଲା ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର, ମା, ମାତୃଭାଷା, ମାଟିର ସମ୍ମାନ, ଜୀବନର ସୌନ୍ଦର୍ଯ୍ୟ ଓ ସାର୍ଥକତା'

ଭଦ୍ରକ, ୧୬।୫(ପି.ଏନ): ମା, ମାତୃଭାଷା, ମାଟିର ସମ୍ମାନ, ମନୁଷ୍ୟ ଜୀବନର ସୌନ୍ଦର୍ଯ୍ୟ ଓ ସାର୍ଥକତା ବୋଲି ଭଦ୍ରକ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଝାରସୁଗୁଡ଼ାର ସଦ୍ୟ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ, ମୁଖ୍ୟଅତିଥି ଭାବେ ରାମନାରାୟଣ ମହାନ୍ତି, ବିଶେଷ ଅତିଥି ଭାବେ ଅଧ୍ୟାପକ ଯୀହାର ରଂଜନ କର ଏବଂ ଅତିଥି ଭାବେ ରବିନାରାୟଣ ଖିଲାର, ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ସମାଜସେବୀ ଅଞ୍ଜନା ମିଶ୍ର, ଡ. ମମତା ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ମତବ୍ୟକ୍ତ କରିଥିଲେ । ପରିଷଦର ସମ୍ପାଦକ ଡା. ଅନିଲ କୁମାର ଦାଶ ସମ୍ପାଦକୀୟ ପାଠ କରିବା ସହ ପରିଷଦ ଆଗାମୀ ଦିନରେ ଆହୁରି ଆଦର୍ଶ ଓ ସେବା ମୂଳକ କାର୍ଯ୍ୟକରିବାକୁ ନିଷ୍ପତି ନିଆଯାଇଥିବା ସୂଚନା ଦେଇଥିଲେ । ବ୍ୟଙ୍ଗକବି ବିଜୟ କୁମାର ବହଳି ବେଦପାଠ କରିଥିଲେ । ଅନ୍ୟତମ ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ମ ଆବାହନ କରିଥିଲେ । କୋଷାଧ୍ୟକ୍ଷା ସୁଶ୍ରୀ ଅଦିତିପ୍ରଭା ଦାଶ୍ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ସଭା ପରିଚାଳନା କରିଥିଲେ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୫ ଓ ୧୬ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ

# ଟି୨୦ ସିଜନ୍ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍ର ସାଲ୍ୟୁଟ୍


ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ଯୁଜ୍ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍ଟେନମାନଙ୍କୁ(ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ ଚାଳକମାନେ ରାପିଡୋ କ୍ୟାପ୍ଟେନ ଆପ୍ କିମ୍ବା ରାପିଡୋ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସିଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।

# ମୋ ଓଡ଼ିଶା

## ବୈଶାଖ ମାସ ଶେଷ ଶନିବାରରେ ନବଗ୍ରହପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



କୋଣାର୍କ (ପିଏନ୍): ଶନିବାର ବିଶ୍ୱ ଐତିହ୍ୟ କେଣାର୍କ ସୂର୍ଯ୍ୟମନ୍ଦିର ବେଢ଼ା ନିକଟରେ ଥିବା ନବଗ୍ରହ ମନ୍ଦିର ପରିସରରେ ଗତକାଲି ଲକ୍ଷାଧିକ ଶ୍ରଦ୍ଧାଳୁ ନବଗ୍ରହଙ୍କୁ ଦର୍ଶନ କରିଥିବା ବେଳେ ଗ୍ରହପିଡ଼ାରୁ ମୁକ୍ତି ପାଇଁ ହୋମ ଯଜ୍ଞ କରିଥିଲେ । ବୈଶାଖ ମାସର ଶେଷ ଶନିବାର ହୋଇଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମାନସିକଧାରି ଶ୍ରଦ୍ଧାଳୁମାନେ ନବଗ୍ରହଙ୍କ ପିଡ଼ାରୁ ମୁକ୍ତି ପାଇଁ ପ୍ରତ୍ୟୁଷରୁ ପରମ୍ପରାନୁଯାୟୀ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀ ଓ ମହୋଦଧିର ସଙ୍ଗମସ୍ଥଳିରେ ସ୍ନାନଶୌଚ ହୋଇ ସଙ୍କଳ୍ପ କରିବା ସହିତ ସୂର୍ଯ୍ୟୋଦୟ ଦର୍ଶନ କରିଥିଲେ । ପରେ କୋଣାର୍କ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରି ସୂର୍ଯ୍ୟମନ୍ଦିର ପରିକ୍ରମା କରିବା ସହିତ ନବଗ୍ରହଙ୍କୁ ପୂଜାର୍ଚ୍ଚନା ଓ ଗ୍ରହଶାନ୍ତି ନିମନ୍ତେ ହୋମ କରିଥିଲେ । ବିଶେଷ କରି ବୈଶାଖ ମାସର ଶନିବାରମାନଙ୍କରେ ନବଗ୍ରହଙ୍କୁ ଦର୍ଶନ କଲେ ଗ୍ରହପିଡ଼ାରୁ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କ ମନରେ ବିଶ୍ୱାସ ରହିଛି ।





ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇଁ ଶ୍ରଦ୍ଧାଳୁମାନେ ନିଜ ପିଲାମାନଙ୍କୁ ନବଗ୍ରହଙ୍କ ପୀଠ ପରିସରରେ ବାଲିରେ ଗାତଖୋଳି ସେଥିରେ ପୋତି ଗ୍ରହପିଡ଼ା ଓ ବିଭିନ୍ନ ପ୍ରକାର ରୋଗରୁ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିଥିଲେ । ନବଗ୍ରହଙ୍କ ପୀଠ ପରିସରରେ ୯ଟି ଶନିବାର ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁରାରୋଗ୍ୟ ରୋଗରେ ପିଡ଼ିତ ଥିବା ପିଲାମାନଙ୍କୁ ଯଦି ପୋତାଯାଏ ତେବେ ସେମାନଙ୍କର ଏହି ଦୁରାରୋଗ୍ୟ ରୋଗରୁ ନିଶ୍ଚିତ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ନବଗ୍ରହଙ୍କୁ ଦର୍ଶନ ନିମନ୍ତେ ସଙ୍କୁଚିତ ଗର୍ଭଗୃହ ଭିତରକୁ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଏକକାଳୀନ ପ୍ରବେଶ ଶ୍ରଦ୍ଧାଳୁମାନଙ୍କୁ ବ୍ୟଥିତ କରିଥିଲା । ପ୍ରଖର ରୌଦ୍ରତାପ ହେଉଥିଲେ ମଧ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହିତ ନବଗ୍ରହଙ୍କୁ ଧାଡିଦର୍ଶନ କରିଥିଲେ ଶ୍ରଦ୍ଧାଳୁ ।





କୋଣାର୍କ ସୁରକ୍ଷା ସମିତି ଓ ସତ୍ୟସାଇ ସେବା ସମିତି ପକ୍ଷରୁ ଜଳଛତ୍ରମାନ ଖୋଲାଯାଇ ଅଭଡା ତୋରାଣୀ, ଦହିପଣା ଓ ସୁମିଷ୍ଟ ପଣା ପାଣିର ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ମନ୍ଦିର ସମ୍ମୁଖରେ ବିଭିନ୍ନ ସାମଗ୍ରୀର ଦୋକାନମାନ ଖୋଲିଥିଲା । ଗାଁଗହଳିରୁ ଆସିଥିବା ଶ୍ରଦ୍ଧାଳୁ ମହିଳାମାନେ ନବଗ୍ରହଙ୍କ ଦର୍ଶନପରେ ଘରକରଣା ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଥିଲା । କୋଣାର୍କ ପୁଲିସ ପକ୍ଷରୁ ନବଗ୍ରହଙ୍କ ପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା ।

## ତଥାଗତ ବୁଦ୍ଧ : କରୁଣାର ଅବତାର



ପୁଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ। କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ। ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ। ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା। ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ। ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ।



ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିବା ମହାପରାକ୍ରମୀ ଚଣ୍ଡାଶୋକ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ପୁନଶ୍ଚ ବୁଦ୍ଧଙ୍କ ସମୟରେ ଅଙ୍ଗୁଳିମାଳ ସମସ୍ତ ଲୋକଙ୍କୁ ହତ୍ୟା କରିବାର ଏକ ପ୍ରତିଜ୍ଞା ନେଇ ଜଙ୍ଗଲ ପଥରେ ପ୍ରତିଦିନ ମଣିଷଙ୍କୁ ହତ୍ୟାକରି ଚାଲିଥିଲା। କେତେଜଣଙ୍କୁ ମାରିଲା, କିଛିଦିନ ପରେ ଭୁଲିଯିବାରୁ, ଏହାପରେ ଯେଉଁମାନଙ୍କୁ ହତ୍ୟା କଲା ତାଙ୍କର ଗୋଟିଏ ଗୋଟିଏ ଆଙ୍ଗୁଳି କାଟି ନିଜ ବେକରେ ହାର କରି ପିନ୍ଧିଲା। ତା ଭୟରେ ଲୋକମାନେ ଏକାକୀ ନଯାଇ ୩୦/୪୦ଜଣ ଏକାଠି ହୋଇ ବନ୍ୟପଥରେ ଯାତ୍ରା କରୁଥିଲେ। ବୁଦ୍ଧଦେବ ଶ୍ରୀବସ୍ତୀର ଜନତାଙ୍କ ମୁଖରୁ ଅଙ୍ଗୁଳିମାଳା କଥା ଶୁଣି ସେ ରହୁଥିବା ଜଙ୍ଗଲ ପଥରେ ସମସ୍ତଙ୍କ ବାରଣ ସତ୍ତ୍ୱେ ଏକାକୀ ଯାତ୍ରା କଲେ। ନିର୍ଭୟ ଚିତ୍ତରେ ଏକାକୀ ଜଣେ ଶ୍ରମଣ ଯାତ୍ରା କରୁଥିବା ଦେଖି ଅଙ୍ଗୁଳିମାଳା ତାଙ୍କ ପଶ୍ଚାତ୍‌ଧାବନ କଲା। କିନ୍ତୁ ସେ ଆଶ୍ଚର୍ଯ୍ୟ ହେଲା ଯେ ଏତେ କ୍ଷିପ୍ର ଗତିରେ ଚାଲିମଧ ସେ ବୁଦ୍ଧଙ୍କୁ ଧରିପାରୁନଥିଲା କ୍ଳାନ୍ତ ହୋଇ ଗୋଟିଏ ସ୍ଥାନରେ ଛିଡ଼ା ହୋଇସେ ଉଚ୍ଚସ୍ୱରରେ କହିଲା - 'ସ୍ଥିର ହୁଅ ଶ୍ରମଣଂ'। ଉତ୍ତରରେ ବୁଦ୍ଧ କହିଲେ-ମୁଁ ସର୍ବଦା ସ୍ଥିର, ମାତ୍ର ଚଞ୍ଚଳତା ମଧ୍ୟରେ ତୁମେ ଗତି କରୁଅଛ। ଅତଏବ ତୁମେ ସ୍ଥିର ହୁଅ'। ଅଙ୍ଗୁଳିମାଳା କହିଲା - 'ଶ୍ରମଣ! ତୁମେ ଗତି କରୁଅଛ ଏବଂ ମୁଁ ଏଠାରେ ଛିଡ଼ା ହୋଇଅଛି, ଏପରି ସ୍ଥଳେ ତୁମେ ସ୍ଥିର ଓ ମୁଁ ଅସ୍ଥିର ଏହା କିପରି କହୁଛ?' ବୁଦ୍ଧ ଦେବ କହିଲେ-'ଯାହାର ଇନ୍ଦ୍ରିୟ ଶାନ୍ତ, ଯେ ହିଂସାରହିତ, ଯେ ଅନୁଦ୍‌ବିଗ୍ନ ଓ ଯାହାର ମତି ସଂସାର ପ୍ରତି ଅନାସକ୍ତ, ସେ ସର୍ବଦା ସ୍ଥିର। ମାତ୍ର ତୁମର ଇନ୍ଦ୍ରିୟ ଅଶାନ୍ତ, ତୁମେ ନରହତ୍ୟା ରୂପକ ହିଂସାରେ ଜଡ଼ିତ ତୁମର ମତି ସର୍ବଦା ଉଦ୍‌ବିଗ୍ନ। ଅତଏବ୍ ତୁମେ ଅସ୍ଥିର।' ତଥାଗତ ବୁଦ୍ଧଙ୍କର ଏହି ବାଣୀ ଅଙ୍ଗୁଳିମାଳା ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା। ତାର ହୃଦୟ ବେଦନାରେ ଖଣ୍ଡ ବିଖଣ୍ଡିତ ହୋଇଗଲା। ନରହତ୍ୟା ରୂପୀ ପୂର୍ବାର୍ଜ୍ଜିତ ପାପ ପାଇଁ ତା ନେତ୍ରରୁ ଅନୁତାପର ଅଶ୍ରୁଧାର ଧାର ହୋଇ ଝରିବାକୁ ଲାଗିଲା। ତଥାଗତ ତାଙ୍କୁ କରୁଣାପୂର୍ଣ୍ଣ ନେତ୍ରରେ ଚାହିଁ ସତେ ଯେପରି ଅମୃତର ଆହ୍ୱାନ ଦେଉଥିଲେ। ଅଙ୍ଗୁଳିମାଳା ସମସ୍ତ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ବୁଦ୍ଧଦେବଙ୍କର ପାଦଦ୍ୱୟକୁ ଜାବୁଡ଼ି ଧରିଲା ଓ ନିଜ ଚକ୍ଷୁରୁ ନିର୍ଗତ ଅଶ୍ରୁଜଳରେ ତାଙ୍କ ପାଦ ପ୍ରକ୍ଷାଳନ କରି ଶରଣ ଭିକ୍ଷା କଲା। ତଥାଗତ ଅଙ୍ଗୁଳିମାଳାକୁ ଉଠାଇନେଇ ଅତି ସ୍ନେହରେ ଆଲିଙ୍ଗନ କଲେ। କରୁଣାମୟ ବୁଦ୍ଧଙ୍କର ଗଭୀର ମମତ୍ୱଭରା କରୁଣା ଓ ମାର୍ଗଦର୍ଶନ ଅଙ୍ଗୁଳିମାଳାକୁ କଷାୟ ବସ୍ତ୍ର ପରିହିତ ବୌଦ୍ଧଭିକ୍ଷୁରେ ରୂପାନ୍ତରିତ କଲା ଏବଂ ଅପରପକ୍ଷରେ ତାକୁ ଅର୍ହତ ପଦର ଅଧିକାରୀ କରି ତା ଜୀବନକୁ ଧନ୍ୟ କରିଦେଲା।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତାର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି। ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା' ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି। କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି। ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି। ବସୁଧୈବ କୁଟୁମ୍ବକମ୍। ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ। ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ ଜୀବେ ଦୟା ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ। କେହି କାହାକୁ ହତ୍ୟା ନକରୁ। ଯେ କୌଣସି କାରଣ ପାଇଁ ହେଉ ହତ୍ୟାକାରୀଟି ବାସ୍ତବରେ ଦୁଃଖ ମଣିଷଟିଏ। ଅଶାନ୍ତ ଆତ୍ମାଟିଏ। ସେ ଆମର ଆତ୍ମୀୟ। ତା ହୃଦୟରେ କରୁଣାପ୍ରାଣ ବୁଦ୍ଧ ବି ହସି ଉଠିପାରିବେ। ଯାହାଦ୍ୱାରା ସେ ଶାନ୍ତି ଅନୁଭବ କରିବା ସହ, ତା ଆଖିରୁ ପ୍ରେମର ଅଶ୍ରୁ ମଧ ନିର୍ଗତ ହୋଇପାରିବ-ଅନ୍ୟ ମଣିଷ ଆତ୍ମୀୟଟି ପାଇଁ। ଏଥିପାଇଁ ଖ୍ରୀଷ୍ଟପୂର୍ବ ୫୪୩ରେ କୁଶିନାରାର ପାବା ନାମକ ସ୍ଥାନରେ ବିସ୍ତୀର୍ଣ୍ଣ ଶାଳବଣ ମଧ୍ୟରେ ଅଶୀବର୍ଷ ବୟସରେ ବୈଶାଖ ପୂର୍ଣ୍ଣିମାର ଶାନ୍ତ ସ୍ନିଗ୍ଧ, ଜ୍ୟୋତ୍ସ୍ନାସ୍ନାତ ରଜନୀରେ ନିର୍ବାଣ ପ୍ରାପ୍ତ ହୋଇ ଦେହ ତ୍ୟାଗ କରିଥିବା ପରମ କାରୁଣିକ କରୁଣାପ୍ରାଣ ତଥାଗତ ବୁଦ୍ଧ ଆଜି ଆମ୍ଭମାନଙ୍କର ପରମ ବନ୍ଦନୀୟ ଓ ଅନୁସରଣୀୟ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**, ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଏତଲା



କେନ୍ଦୁଝର (ପିଏନ୍): କେନ୍ଦୁଝର ସହରରେ ଦିନକୁ ଦିନ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବଢି ଚାଲିଥିବା ବେଳେ ଗୋବିନ୍ଦପୁର ଅଂଚଳରେ ଥିବା ଏକ ଗ୍ରୋସରୀ ଦୋକାନ ନିକଟରେ ରାଜେଶ କୁମାର ପଣ୍ଡା ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏହାକୁ ନେଇ ଟାଉନ ଥାନାରେ ଏକ ଏତଲା ପ୍ରଦାନ କରାଯାଇଥିବା ବେଳେ ତୁରନ୍ତ ଏହି ଅସାମାଜିକ ଯୁବକମାନଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଖବର ନେବାରେ ଜଣାପଡିଛି ଯେ, କେନ୍ଦୁଝର ସଦର ମହକୁମାର ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ପଣ୍ଡାଙ୍କ ବଡପୁଅ ରାଜେଶ ଏକ କାର୍ଯ୍ୟରେ ଗୋବିନ୍ଦପୁର ଅଂଚଳରେ ଥିବା ଏକ ଗ୍ରୋସରୀ ଦୋକାନରେ ଥିବା ସମୟରେ ଭୋଲା ନାମକ ଜଣେ ଯୁବକ ସହ ସାମାନ୍ୟ କାରଣରୁ ବଚସା ହୋଇଥିଲା। ଏହାପରେ ସେ ରାଜେଶଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ଓ ଆକ୍ରମଣ କରିଥିଲେ । ରାଜେଶ ସାଙ୍ଗରେ ନେଇଥିବା ସ୍କୁଟିକୁ ଭାଙ୍ଗିଦେବା ସହ କିଛି ସମୟ ପରେ ୭ରୁ ୮ଜଣ ଯୁବକ ଠେଙ୍ଗା, ପଥର ଓ ବୋତଲରେ ରାଜେଶଙ୍କୁ ମାଡ ମାରିଥିବା ସହ ତାଙ୍କ ପାଖରେ ଥିବା ୧୭ହଜାର ଟଙ୍କା ଛଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଏହି ସଂଘବଦ୍ଧ ଆକ୍ରମଣରେ ରାଜେଶଙ୍କ ମୁଣ୍ଡରେ ବିରାଟ କ୍ଷତ ହେବା ସହ ଚାରିଗୋଟି ଷ୍ଟିଚ ପଡିଛି । ତାଙ୍କୁ ତୁରନ୍ତ ମେଡିକାଲକୁ ନ ନେଇଥିଲେ ଅବସ୍ଥା ଗୁରୁତର ହୋଇଥାନ୍ତା ବୋଲି ପୋଲିସ ପ୍ରକାଶ କରିଛି । ଏହାପରେ ଟାଉନ ଥାନା ପକ୍ଷରୁ ତୁରନ୍ତ ଅପରାଧିମାନଙ୍କୁ ଧରିବା ପାଇଁ ଏକ ଚଢାଉ ଜାରି ରଖିଛନ୍ତି । ମୁଖ୍ୟ ଅଭିଯୁକ୍ତ ବ୍ୟବହାର କରୁଥିବା ମୋଟର ସାଇକେଲ ପୋଲିସ ଜବତ୍ କରିଛି। ଟାଉନ ଥାନା ତରଫରୁ ଭାରତୀୟ ପିଙ୍ଗଳକୋର୍ଡର ଧାରା ୩୯୫ରେ ମାମଲା ଦାଏର ହୋଇଛି। ଏଠାରେ ସାତରୁ ଆଠ ଜଣ ଯୁବକ ଏଠାରେ ନିୟମିତ ଡ୍ରଗ୍ସ ସେବନ କରି ଆତଙ୍କ ସୃଷ୍ଟି କରୁଥିବାବେଳେ ଗୋବିନ୍ଦପୁର ଅଂଚଳ ଅସମାଜିକ ଯୁବକଙ୍କ ଏକ ଆଡଡାସ୍ଥଳୀ ପାଲଟିଛି ବୋଲି ଅଭିଯୋଗ ହୋଇଛି ।

## ଇଞ୍ଚୋଳ ବିକାଶ ମଞ୍ଚ ପକ୍ଷରୁ ନିର୍ମଳ ନୀର କାର୍ଯ୍ୟକ୍ରମ

ହାଟଡିହୀ (ପିଏନ୍): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଇଞ୍ଚୋଳ ବିକାଶ ମଞ୍ଚ ତରଫରୁ ନିର୍ମଳ ନୀର - ୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ଦୀପକ କୁମାର ଜେନା, ସମାଜସେବିକା ଡ.ସୁରେଶ୍ୱରୀ ଜେନା ଓ ବକ୍ତା ଭାବେ ଗୋଷ୍ଠୀ ପରିମଳ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାତ୍ର, ସମ୍ମାନୀତ ଅତିଥି ଭାବେ ଯୁବ ଯନ୍ତ୍ରୀ ବିଶ୍ୱନାଥ ପ୍ରତାପ ଜେନା, ହୃଦାନନ୍ଦ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ନିର୍ମଳ ନୀର ଜଳଛତ୍ର ସହ ଗୋମାତା, ମୁକ୍ତ ଜଳଛତ୍ର ଓ ମୁକ୍ତାକାଶ ବିହଙ୍ଗ ମାନଙ୍କ ପାଇଁ ଗଛରେ ଖାଦ୍ୟଶସ୍ୟ ଓ ପାଣି ପଲମ ଲଗାଯାଇଥିଲା ଏବଂ ପରିବେଶ ଉପଯୋଗି ଆଲୋଚନା ଚକ୍ରରେ ଖରାଦିନରେ ବନ୍ୟପ୍ରାଣୀ, ଗୋ ସମ୍ପଦ ଯତ୍ନ ଓ ମୁକ୍ତ ପ୍ରାଣୀ ବିହଙ୍ଗ ମାନଙ୍କ ଖାଦ୍ୟ ପାନୀୟ ଉପରେ ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ତୃଷାର୍ତ୍ତ ବାଟୋଇ ମାନଙ୍କୁ ମଞ୍ଚର ସଦସ୍ୟ ମାନଙ୍କ ପ୍ରସ୍ତୁତ ଜଳଦାନ କରାଯାଇ ଘର ଆଗରେ ଓ ଗଛରେ ପାଣି କୁଣ୍ଡ ରଖିବା ପାଇଁ ଅନୁରୋଧ କରାଯାଇଥିଲା । ଅତିଥିମାନଙ୍କ ଉପସ୍ଥିତିରେ ଇଞ୍ଚୋଳ ବିକାଶ ମଞ୍ଚ ତରଫରୁ ଜଳ ସେଚନ ବିଭାଗକୁ ପ୍ରାଣୀ ମାନଙ୍କ ପାଇଁ କେନାଲ ପାଣି ଛାଡିବା ପାଇଁ ଦରଖାସ୍ତ କରାଯିବାକୁ ସ୍ଥିର କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଉମାକାନ୍ତ ପଣ୍ଡା ସଂଯୋଜନା କରିଥିବା ବେଳେ ଜୀବନ ରାଉତ, ଚିରଂଜୀବ ନାୟକ, ନିରଂଜନ ନାୟକ, ସରୋଜ, ଅଜୟ ଜେନା, ସୁଆର, ବଳରାମ ରାଉତ, ପ୍ରଦୀପ ସା, ସୁକୁମାର ନାୟକ, କେଦାର ଯେନା, ଇନ୍ଦ୍ରମଣୀ ଯେନା, ପ୍ରମୋଦ ଯେନା, ତାପସ ନାୟକ, ଅନିକ କୁମାର ସା ପ୍ରମୁଖ ପରିଚାଳନା କରିଥିଲେ । ଗ୍ରାମାଞ୍ଚଳରେ ଏଭଳି ନିଆରା କାର୍ଯ୍ୟକ୍ରମକୁ ସର୍ବସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

## ସାଧନା ଫାଉଣ୍ଡେସନର ସଚେତନତା ସଭାରେ ବିଷୁବ ମିଳନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର କୁରୁଡ଼ା ପଞ୍ଚାୟତ ପରିସରରେ ସାଧନା ଫାଉଣ୍ଡେସନ ତରଫରୁ ଓଡ଼ିଶା, ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ର ସହଯୋଗରେ ବେଲ, ଛେନା, କଦଳି, ମିଠେଇର ମିଶ୍ରଣରେ ପ୍ରସ୍ତୁତ ପଣା ସରବତ ବଣ୍ଟନ କରାଯିବା ସହିତ ଲୋକମାନଙ୍କ ଭିତରେ ସାଇବର କ୍ରାଇମ ଆୱାରନେସ ଉପରେ ସଚେତନତା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବିଷୁବ ମିଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଲୋକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦିକା ସୁଜାତାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ କୁରୁଡ଼ାର ସରପଞ୍ଚ ତାପସ ପାଣିଗ୍ରାହୀ ଉଦ୍ଘାଟନ କରି ପଣା ସରବତ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ସହ ସଂପାଦିକା ମିନତୀ କର, ଗେଙ୍ଗୁଡ଼ି ପଞ୍ଚାୟତର ସମିତି ସଭ୍ୟା ପୁଷ୍ପରାଣୀ ରାଉତ, ଯୋଗେନ୍ଦ୍ର ସେନାପତି, ରଶ୍ମିରଞ୍ଜନ ଜେନା ଓ ପ୍ରମୁଖ ସଭ୍ୟ ସଭ୍ୟାମାନେ ସହଯୋଗ କରିଥିଲେ। ଏହି ଭଳି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ତ୍ୱରାନ୍ୱିତ କରାଯିବା ପାଇଁ ସଂଗଠନର କର୍ମକର୍ତ୍ତା ମାନେ ପୂର୍ବ ପ୍ରସ୍ତୁତି କରିଥିଲେ।

## ରାମେଶ୍ୱର ମନ୍ଦିରରେ ପଣା ସରବତ ଓ ପ୍ରସାଦ ବଣ୍ଟନ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ବାଲିଆ ସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ବେଲ, କଦଳି, ଛେନା, ମିଠେଇ ଦ୍ୱାରା ପ୍ରସ୍ତୁତ ପଣା ସରବତ୍ ବଣ୍ଟନ କରାଯାଇଥିଲା। ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଭାଙ୍ଗ ସରବତ! କାରଣ ବହୁସଂଖ୍ୟକ ମହିଳା ଓ ପୁରୁଷ ଭାଙ୍ଗ ସରବତ ପାଇଁ ପ୍ରବଳ ଭିଡ଼ ଜମାଇଥିଲେ। ତା' ସହିତ ମନ୍ଦିର ପ୍ରାଙ୍ଗଣରେ ୫୦୦ ଲୋକଙ୍କ ପାଇଁ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ରାମେଶ୍ୱର ମନ୍ଦିର କମିଟିର ସଂପାଦକ ପଦ୍ମଲୋଚନ ସାମନ୍ତରାୟଙ୍କ ପୌରୋହିତ୍ୟରେ ମନ୍ଦିର କମିଟିର ସଦସ୍ୟ ତାପସ ନନ୍ଦ, ନିରୋଜ ଦାସ, ନିତ୍ୟାନନ୍ଦ ସାମଲ, ପ୍ରଦୀପ ଦାସ, କଞ୍ଜମଣି ସ୍ୱାଇଁ ଓ ମନ୍ଦିରର ନନାମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜେ.ଏସ୍.ଡବ୍ଲ୍ୟୁ. ଓ ଭିଜନ ସ୍ପ୍ରିଙ୍ଗ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର

ପାରାଦୀପ (ପିଏନ୍)-ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଭୂମିକା ହସ୍ପିଟାଲ୍ ଓ ଭିଜନ ସ୍ପ୍ରିଙ୍ଗର ମିଳିତ ସହଯୋଗରେ ପାରାଦୀପ ପୋର୍ଟ ବଣିକ ସଂଘ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ପାରାଦୀପ ଅଂଚଳର ପ୍ରାୟ ୩୩୦ରୁ ଉର୍ଦ୍ଧ ଲୋକଙ୍କ ଚକ୍ଷୁ ପରୀକ୍ଷଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୭୦ ଜଣଙ୍କର ରିଫ୍ରାକଟେରୀ ଏରର ବା ନିଆରା ଭିଜନ ସମସ୍ୟା ଥିବାର ଜଣାପଡିଥିଲା । ସେହିମାନଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା । ଯେଉଁମାନଙ୍କର ଚକ୍ଷୁଜନିତ ସମସ୍ୟା ରହିଛି ସେମାନଙ୍କୁ ଅଧିକ ଚିକିତ୍ସା ପରାମର୍ଶ ଦିଆଯାଇଛି । ଏଥିସହିତ ଆବଶ୍ୟକ ଅନୁସାରେ ଚଷମା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି । ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ପାରାଦୀପ ପୋର୍ଟ ବଣିକ ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ବଣିକ ସଂଘର ଅନ୍ୟ ସଦସ୍ୟମାନେ ଶିବିରରେ ସହଯୋଗ କରିଥିଲେ ।




## ବେଂଟକାର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ର ନୂତନ ଗୃହ ଉଦ୍‌ଘାଟିତ





ଭୁବନେଶ୍ୱର,୧୬।୫(ପି.ଏନ): କଟକ ସଦର ବ୍ଲକ୍ ଅନ୍ତର୍ଗତ ବେଂଟକାର ଠାରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ସମ୍ପ୍ରସାରିତ ଗୃହ ଉଦଘାଟିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦରବିଧାୟକ ଚନ୍ଦ୍ରସାରଥୀ ବେହେରା, ସମ୍ମାନିତ ଅତିଥି ଭାବେ କଟକ ସଦର ବିଡିଓ ରାଜିବଲୋଚନ ପରିଡା,ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡାକ୍ତର ବସନ୍ତ କୁମାର ସାହୁ ,ଉପାଧକ୍ଷା ଅମ୍ବିକା ପାତ୍ର,ପୂର୍ବତନ ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା,ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର,୬ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ସସ୍ମିତା ମାହାର୍ଥା,ବେଂଟକାର ସରପଂଚ ଶିବ ଶଙ୍କର ମଲ୍ଲିକ, ସମିତି ସଭ୍ୟ ବିନୋଦ ବେହେରା ପ୍ରମୁଖ ଯୋଗ ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଥିବା ଅନ୍ୟାନ୍ୟ ଅଭାବ ଅସୁବିଧା ଖୁବ୍‌ଶୀଘ୍ର ପୂରଣ କରାଯାଇ ଏହାକୁ ଏକ ଉନ୍ନତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରାଯିବ ବୋଲି କହିଥିଲେ । ଦେଢକୋଟିରୁ ଉର୍ଦ୍ଧ ଟଙ୍କା ବିନିମୟରେ ନିର୍ମିତ ଏହି ସମ୍ପ୍ରସାରିତ ନୂତନ କୋଠାରେ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗ ଏବଂ ଅସ୍ତ୍ରୋପଚାର ବିଭାଗ କାର୍ଯ୍ୟକ୍ଷମ ହେବ । ଦୀର୍ଘଦିନ ଧରି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଥିବା ଭିତିଭୂମିର ଅଭାବ ଏହି ନୂତନ ଗୃହ ଦ୍ୱାରା ପୂରଣ ହେବା ସହିତ ରୋଗୀସେବା ଆହୁରି ଉନ୍ନତ ହୋଇପାରିବ ବୋଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡାକ୍ତର ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ଏଅନ୍ୟମାନଙ୍କ ମଧ୍ୟରେ ଶରତ ରାୟ,ବିଦ୍ୟାଧର ପାତ୍ର, ସମର ବେହେରା,ଅଜୟ ଦଳାଇ,ବୀରବର ଲେଙ୍କା,ପ୍ରଦ୍ୟୁମ୍ନ ମହାନ୍ତି,ଅଶୋକ ମହାନ୍ତି, ମିହିର ପତି,ସୁଧୀର ଶତପଥି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ମେ୨୬ରେ

କେନ୍ଦ୍ରାପଡ଼ା, ୧୬।୫: ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଚଳିତ ମଇ ମାସ ୨୬ ତାରିଖ ସକାଳେ କେନ୍ଦ୍ରାପଡା ପୌରସଂସ୍ଥା ଟାଉନହଲ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ କେୟାର ହସ୍ପିଟାଲର ମୁଖ୍ୟ ଡାକ୍ତର ମହେନ୍ଦ୍ର କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ଚିକିତ୍ସା ସେବା ଯୋଗାଇଦେବାକୁ ସ୍ଥିର କରାଯାଇଛି। ଏଣୁ ଏହି ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିରରେ ବିଭିନ୍ନ ରୋଗର ଚିକିତ୍ସା ନିମନ୍ତେ ମୋବାଇଲ ନଂ- ୮୪୮୦୪୩୩୬୯୫ ଓ ୯୧୭୮୩୫୧୬୦୧ରେ ଯୋଗାଯୋଗ କରିବା ନିମନ୍ତେ ସ୍ମୃତି କମିଟି ପକ୍ଷରୁ ନିବେଦନ କରାଯାଇଛି।

## ହଜି ଯାଉଥିବା ଆମ ଚଳଣି ଓ ମୋ ଗାଆଁ ଟି ପୁସ୍ତକ ଉନ୍ମୋଚନ



ଖୋର୍ଦ୍ଧା,୧୬।୫: ଆମରିସତ୍ୟର ପୁସ୍ତକ ଉନ୍ମୋଚନ ଏବଂ ସମ୍ବର୍ଦ୍ଧନା ଉତ୍ସବ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପରିସରରେ ଡ.ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ମାନ୍ୟବର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟଅତଥି ଏବଂ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ବିଶେଷ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତୀତର ଅମୁଲ୍ୟ ଉପକରଣଟି ଉପେକ୍ଷିତ ଓ ବିସ୍ମୃତ ହେବା ବିସ୍ମୟର ବିଷୟ।ଆମର ବୁଦ୍ଧିଜୀବି, ଶିକ୍ଷକ, ଅଧ୍ୟାପକ ଓ ଗବେଷକମାନେ ଏ ନେଇ ସଚେତନ ହେବାର ସମୟ ଆସିଛି।ଏଗୁଡ଼ିକ ହେଲା-ଲେଖନ, ପକ୍ଷୀଆ, ସବାରି, ପାଲିଙ୍କି, ଓଳିଆ, ଯନ୍ତ, ଶେଷା, ସେଢୁଅ, ପେଡ଼ି, ପେଟରା, ପାନ ପାଉଡି, ତେଣ୍ଡା, ଦହିବୁଲା, ବେହେରି, ଖୁଆ ଇତ୍ୟାଦି ଏପରି ୫୪ଟି ବିଷୟକୁ ନେଇ 'ହଜିଯାଉଥିବା ଆମ ଚଳଣି ଡକ୍ଟର ପ୍ରହଲ୍ଲାଦ ନାୟକଙ୍କ ପୁସ୍ତକଟି ଏବଂ ତ୍ରିଲୋଚନ ମହାପାତ୍ରଙ୍କର 'ମୋ ଗାଆଁଟି' ଶିଶୁ କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ମୁଖ୍ୟଅତିଥି ବିଧାୟକ ଶ୍ରୀ ମିତ୍ର ତାଙ୍କର ଅଭିଭାଷଣରେ ଓଡ଼ିଆ ଭାଷାର ବିକାଶରେ ସମ୍ବାଦପତ୍ର ଏବଂ ଓଡ଼ିଆ ପତ୍ରପତ୍ରିକାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ତଥା ପ୍ରତ୍ୟେକ ପରିବାର ଓଡ଼ିଆରେ ଖଣ୍ଡିଏ ସମ୍ବାଦପତ୍ର ଏବଂ ଓଡ଼ିଆ ପତ୍ରିକା କିଣି ପଢ଼ିବାର ସମୟ ଆସିଛି।ଏହା ଓଡ଼ିଆ ଭାଷାକୁ ଭଲପାଇବାର ପରିଚୟ ବୋଲି କହିଥିଲେ।ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପାଠକଙ୍କ ରୁଚି ଅନୁସାରେ ଲେଖାମାନ ଲେଖକମାନେ ଲେଖି ସେମାନଙ୍କର ନିକଟତର ହେବା ପାଇଁ ଆହ୍ୱାନ ଦେଇଥିଲେ।ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧକ୍ଷ ରାମଶଙ୍କର ମୁଖ୍ୟବକ୍ତା ଭାବରେ ଯୋଗଦେଇ ସରକାରୀସ୍ତରରେ ଓଡ଼ିଆ ଭାଷାର ଗୁରୁତ୍ୱକୁ ଅନେକ ଭୁଲିଯାଇଛନ୍ତି। ସବୁଠାରେ ନାମଫଳକ ଓଡ଼ିଆରେ ଲେଖାଯାଉ ବୋଲି ମତ ରଖିଥିଲେ।ଏହି କ୍ରମରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଜବାହାରଲାଲ ସୁବୁଦ୍ଧି, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିଭୁପ୍ରସାଦ ହରିଚନ୍ଦନ, ପଦ୍ମନାଭ ପାଣୀଗ୍ରାହୀ, ସୌଦାମିନୀ ବେହେରା, ସମରଜିତ୍ ପଟ୍ଟନାୟକ, କିଶୋର ପାଇକରାୟ, ସେକ ହୋସେନ, ବ୍ରଜବନ୍ଧୁ ନାୟକ ଏବଂ ଆଶିଷ ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ଦେଇଥିଲେ। ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେବା ସହ ଆଦି ନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ।

## ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିତ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

## ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ରାଜ୍ୟ କମିଟି ବୈଠକ

ଭୁବନେଶ୍ୱର ,୧୬।୫(ପି.ଏନ) : ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ଓଡ଼ିଶା ରାଜ୍ୟ କମିଟି ବୈଠକ ସଂଗଠନର ସଭାପତି ଶ୍ରୀ ସୁଦର୍ଶନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ସାଂପ୍ରତି ଦେଶରେ ଏକ ରାଜନୈତିକ ଲଢ଼େଇ ଚାଲିଛି ଦୁଇଟି ବିଚାରଧାରା ମଧ୍ୟରେ। ଗୋଟିଏ ବିଚାରଧାରାର ପ୍ରବର୍ତା ହେଉଛନ୍ତି ମହାତ୍ମାଗାନ୍ଧୀ, ଯାହା ସତ୍ୟ, ନ୍ୟାୟ ଓ ସର୍ବୋଦୟ ଉପରେ ଆଧାରିତ। ଏହି ବିଚାରଧାରାକୁ ପ୍ରୋତ୍ସାହିତ କରିବା ଓ ଏଥିପ୍ରତି ଯୁବବର୍ଗଙ୍କୁ ଆକୃଷ୍ଟ କରିବା ପାଇଁ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ଜିଲ୍ଲା ଓ ବ୍ଲକ ସ୍ତରରେ ସର୍ବୋଦୟ ସଂକଳ୍ପ ଶିବିର ଆୟୋଜନ କରିବ। ଗତ ପଂଚାୟତ ଓ ପୌର ନିର୍ବାଚନରେ କଂଗ୍ରେସ ଦଳ ସମର୍ଥନରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଦେବା ଓ ପଂଚାୟତରାଜ ବ୍ୟବସ୍ଥାକୁ ଅଧିକ କ୍ରୀୟାଶୀଳ କରି ତାହାକୁ ଲୋକାଭିମୂଖି କରିବା ପାଇଁ ଆସନ୍ତା ଜୁନ୍ ୧୨ ତାରିଖରେ ରାଜ୍ୟସ୍ତରୀୟ ପଂଚାୟତରାଜ ପ୍ରତିନିଧି ସମ୍ମିଳନୀ ଅନୁଷ୍ଠିତ ହେବ। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀକୁ ଆଜାଦିକି ଅମୃତ ମହୋତ୍ସବ ଭାବରେ ପାଳନ କରିବା ପାଇଁ ସରକାର ନିଷତି ନେଇଛନ୍ତି। କିନ୍ତୁ ରାଜୀବ ଗାନ୍ଧୀ ପଂଚାୟତରାଜ ସଂଗଠନ ଏହାକୁ "ଆଜାଦିକି ଅମୃତ ଅନୁଭବ" ଉତ୍ସବ ଭାବରେ ପାଳନ କରିବାର ନିଷ୍ପତି ହୋଇଛି। ।ଜ୍ୟରେ ନଦୀ ଓ ପାଣି ସମସ୍ୟା ସହିତ ଅନ୍ୟାନ୍ୟ ସ୍ଥାନୀୟ ସମସ୍ୟାଗୁଡ଼ିକୁ ନେଇ ଆଗାମୀ ଦିନରେ ଜନଆନ୍ଦୋଳନ ଗଢ଼ି ତୋଳିବା ପାଇଁ ମଧ ଆଜିର ବୈଠକରେ ନିଷ୍ପତି ହୋଇଛି। ଏହି ବୈଠକରେ ଆର.ଜି.ପି.ଆର. ଏସ୍.ର ଜାତୀୟ ଆବାହକ ତଥା ଓଡ଼ିଶା ପ୍ରଭାରୀ ଶ୍ରୀ କୁନାଲ ବାନାର୍ଜୀ ଯୋଗ ଦେଇ ସଂଗଠନକୁ ମଜଭୂତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲାର ସଂଯୋଜକ ଓ ଆଂଚଳିକ ସଂଯୋଜକ ଯଥା ପୂର୍ବତନ ବିଧାୟକ ଶ୍ରୀ ଉମାବଲ୍ଲଭ ରଥ, ବିଷ୍ଣୁୟ ମହାପାତ୍ର, ମାନସ ମଲ୍ଲିକ, ବିଜୟ ପ୍ରଧାନ, ନବ କୁମାର ସାହୁ, ମିନ କେତନ ବେହେରା, ସୁଭାଷ ପ୍ରଧାନ, ପ୍ରଦ୍ୟୁମ୍ନ ଦାସ, ସୁଦର୍ଶନ ପାଇକରାୟ, ଦିନବନ୍ଧୁ ବେହେରା, ଡ଼ଃ ପ୍ରଦୀପ ନନ୍ଦ, ତୁଷାରକାନ୍ତ ବେହେରା, ସିଦ୍ଧାର୍ଥ ରଞ୍ଜନ ପ୍ରମୁଖ ଯୋଗଦେଇ ସଂଗଠନକୁ ମଜଭୁତ କରିବା ଦିଗରେ ନିଜର ସୂଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ଭୀମ ଭୋଇ ଥିଲେ ପ୍ରକୃତରେ ଜଣେ ସମାଜ ସଂସ୍କାରକ:ଉପବାଚସ୍ପତି




ଅନୁଗୋଳ ୧୬।୫(ପି.ଏନ): ଆଜି ଅନୁଗୋଳ ବ୍ଲକ ଅନ୍ତର୍ଗତ ଅଙ୍ଗାରବନ୍ଧ ମହିମା ଧାମଠାରେ ଅଲେଖ ମହିମା ଧାମ ପରିଚାଳନା କମିଟି ଓ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ମିଳିତ ଆନୁକୁଲ୍ୟରେ ସନ୍ଥକବି ଭୀମ ଭୋଇଙ୍କ ୧୭୪ତମ ଜୟନ୍ତୀ ସମାରୋହ ଅଲେଖ ମହିମା ଧାମ ପରିଚାଳନା କମିଟିର ସଭାପତି ଲୋକନାଥ ସାହୁଙ୍କ ଅଧକ୍ଷତାରେ ପାଳନ ହୋଇଯାଇଛି । ଉକ୍ତ ସମାରୋହରେ ଓଡିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭୀମ ଭୋଇଙ୍କୁ ଜଣେ ସମାଜ ସଂସ୍କାରକ ଭାବରେ ବର୍ଣ୍ଣନା କରି ସେ ଜାତି ପ୍ରଥା ଓ ଉଚ୍ଚ ନୀଚ ଭାବକୁ ସମାଜରୁ ହଟାଇବା ପାଇଁ ତାଙ୍କ ଲିଖିତ କବିତାରେ ଦେଖିବାକୁ ମିଳିଥାଏ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ସ୍ତରରେ ଭୀମ ଭୋଇଙ୍କ ଜୀବନୀ ଓ ସହିତ୍ୟକୁ ବିଭିନ୍ନ ସେମିନାର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଗଲେ, ଏହା ଛାତ୍ରଛାତ୍ରୀମାନଙ୍କ ଚାରିତ୍ରିକ ଗଠନରେ ସହଯୋଗ କରନ୍ତା ବୋଲି ଉପବାଚସ୍ପତି ମତ ପ୍ରଦାନ କରିଥିଲେ। ଉକ୍ତ ସମାରୋହରେ ନବରତ୍ନ ନାଲକୋର ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଅଙ୍ଗାରବନ୍ଧ ଧାମର ପାରିପାର୍ଶ୍ୱିକ ଉନ୍ନତିରେ ସହଯୋଗ କରିବା ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ । ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଅଧକ୍ଷ ଡଃ. ଅକ୍ଷୟ କୁମାର ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ସନ୍ଥକବି ଭୀମ ଭୋଇଙ୍କ କବିତ୍ୱ ପ୍ରତିଭାର ପଟ୍ଟାନ୍ତର ନାହିଁ ବୋଲି ପ୍ରକାଶ କରି କବିଙ୍କ ରଚିତ ଶୃତି ଚିନ୍ତାମଣୀକୁ ବ୍ୟାଖ୍ୟା କରିବା ସହ କିଛି ପଂକ୍ତିକୁ ତାଙ୍କର ସୁମଧୁର କଣ୍ଠରେ ଗାନ କରିଥିଲେ । ଅନ୍ୟତମ ବକ୍ତା ଭାବେ ଓଡିଶାର ବିଶିଷ୍ଟ ଲେଖକ, କଳାକାର ଓ ଉପସ୍ଥାପକ ଶରଣାରବିନ୍ଦ ଓଝା ଯୋଗଦେଇ ସନ୍ଥକବି ଭୀମ ଭୋଇଙ୍କ ଜୀବନୀ ଉପରେ କିଛି ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ ଓ ନାରୀ ସଶକ୍ତିକରଣର ଜଣେ ଆଦ୍ୟ ପୃଷ୍ଠପୋଷକ ଥିଲେ ବୋଲି ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ଅଙ୍ଗାରବନ୍ଧ ଧାମର ପରିଚାଳକ ବାବା ମୁରଲୀଧର ଦାସଙ୍କ ଦ୍ୱାରା ମଂଚ ଉଦ୍‌ଘାଟନ କରାଗଲା ପରେ ଜଗତ ଭକତଙ୍କ ମଙ୍ଗଳ କାମନା ନିମିନ୍ତେ ମହିମା ଗୋସେଇଁଙ୍କ ଠାରେ ପ୍ରାର୍ଥନା କରିଥିଲେ । ତାପରେ ଭୀମ ଭୋଇଙ୍କ ତୈଳଚିତ୍ରରେ ସମସ୍ତ ଅତିଥିମାନେ ମାଲ୍ୟାର୍ପଣ କରି, ପ୍ରଦୀପ ପ୍ରଜ୍ଜୋଳନ କରି କାର୍ଯ୍ୟକ୍ରମର ସୁଭାରମ୍ଭ କରିଥିଲେ । ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସଭାପତି ଗୋପାଳ ଚନ୍ଦ୍ର ନାଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଧାମ ପରିଚାଳନା କମିଟିର ସଭାପତି ଶ୍ରୀ ସାହୁ ଧାମ ସଂପର୍କରେ ସାମ୍ୟକ ସୂଚନା ପ୍ରଦାନ କରିଥିବା ବେଳେ ସାଧାରଣ ସଂପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ସାମାଜିକ ଉନ୍ନୟନ ପରିଷଦର ସାଂଗଠନିକ ସଂପାଦକ ବିଞ୍ଝାନୀ ବେହେରା ଯଥାକ୍ରମେ ଉଭୟ ସଂଗଠନର ବିବରଣୀ ପାଠ କରିଥିଲେ । ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ରଞ୍ଜନ ପାତ୍ର ମଂଚ ପରିଚାଳନା କରିଥିବା ବେଳେ ସାଧାରଣ ସଂପାଦକ ଦୁଷ୍ମନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



## OFFICE OF THE MUNICIPAL COUNCIL, TALCHER

**DIST-ANGUL, PIN759107**

Phone No. (06760)240259 Emai ID :e.o.talcher@gmail.com

No. 1920 / Dt.17.5.22

**SHORT TENDER CALL NOTICCE**

Sealed Tenders are invited in percentage rate bid system conformity with detail tender call notice to the following works from the registered contactors of Talcher municipality. The Tender Paper sale & receipt will be during the office hour on payment of paper cost (non refundable) as indicated against each work from dt 17.05.2022 to dt 24.05.2022 upto 11.00 AM and will be opened same day at 12.00 PM in the presence of tenderer of their authorized agent EMD shall be made in shape of NSC/BD/KVP/Fix deposits duly pledged in favour of the Executive Officer, Talcher Municipality @ 1 of the estimated amount. The original EMD Money Receipt of Tender Paper Cost Shall be attached with the tender paper failing which the tender shall not be taken into consideration. The copy of upto date contactor incense, GSTIN certificate or affidavit, ITCC must be submitted with the tender paper and the original should be produced at the time of opening the tender paper. The tenders are requested to drop the sealed tender document in the tender box available in the office chamber of the Executive Officer. Talcher Municipality. The receipt of tender document beyond the schedule of time/postal delay will not entertained.

| Sl No. | Name of the work | Estimated Cost (Rs.) | Cost of EMD (1%) | Cost of T.P +GSTIN @ 5% | Class of Contractor | Period of Completion |
|---|---|---|---|---|---|---|
| 1 | Construction of moorum road at ITI Chhak in W.No,20 | 56,000/- | 560/- | 420/- | Municipal Contractor | One Calendar Month |
| 2 | Renovation of Municipality Office building at First Floor & Jr. Asst. building | 1,31,400/- | 1314/- | 630/- | Municipal Contractor | One Calendar Month |
| 3 | Construction of balance portion of C.C. road from Bhuban Pradhan house to Sharma Chhak in W.No.20 | 1,98,192/- | 1982/- | 630/- | Municipal Contractor | One Calendar Month |
| 4 | Painting work of J.E. quarter & Repair of some places inside Town Hall Premises | 1,66,700/- | 1667/- | 630/- | Municipal Contractor | One Calendar Month |
| 5 | Colour painting of 4 Nos. of Community Toilet & Temporary C&D work collection Centre at W.No.11 | 1,56,000/- | 1560/- | 420/- | Municipal Contractor | One Calendar Month |
| 6 | Construction of C.C. drain at Khandual Lane in W.No.12 | 39,500/- | 395/- | 420/- | Municipal Contractor | One Calendar Month |

Executive Officer
Talcher Municipal

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday May 17, 2022 ଭୁବନେଶ୍ୱର ମଙ୍ଗଳବାର, ମଇ ୧୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# କିଟ୍‌ରେ ଜାତୀୟ ସ୍କୁଲ୍ ଚେସ ପ୍ରତିଯୋଗିତା ଉଦ୍‌ଘାଟିତ



ଭୁବନେଶ୍ୱର,୧୬।୫(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟରେ ୧୦ମ ଏମ୍‌ପିଏଲ ଜାତୀୟ ସ୍କୁଲ ଚେସ୍ ଚମ୍ପିଅନସିପ-୨୦୨୨ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ରାଜ୍ୟରୁ ୧୦୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କେବଳ ଓଡ଼ିଶାରୁ ୧୦୮ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ଓଡ଼ିଶା ଚେସ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ଉଦଘାଟନୀ ସମାରୋହରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନି ଚେସ୍ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟରେ ଏଭଳି ପ୍ରତିଯୋଗିତା ଆୟୋଜନ ହୋଇଥିବାରୁ ସେ କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେବା ସହ ଏଭଳି ପ୍ରତିଯୋଗିତା ଓଡ଼ିଶାର ଚେସ୍ ଖେଳାଳିଙ୍କୁ ଚେସ୍ ଖେଳ ପ୍ରତି ଉତ୍ସାହିତ କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଆଇଏମ୍ ପଦ୍ମିନୀ ରାଉତ ଯୋଗଦେଇ ଏଭଳି ପ୍ରତିଯୋଗିତା ଆୟୋଜନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଦେଇଥିଲେ। ଅପରପକ୍ଷରେ ନିଜର ଚେସ୍ କ୍ୟାରିୟର ଆରମ୍ଭ ବିଷୟରେ ପ୍ରତିଯୋଗୀମାନଙ୍କ ସହିତ ଆଲୋଚନା କରିଥିଲେ। ଓଡ଼ିଶାରେ ଏଭଳି ଚେସ୍ ପ୍ରତିଯୋଗିତାମାନ ଅନୁଷ୍ଠିତ ହେଲେ ଚେସ୍ ପ୍ରତି ଆଗ୍ରହ ଥିବା ପିଲାମାନଙ୍କ ସମେତ ଅଭିଭାବକଙ୍କୁ ପ୍ରୋତ୍ସାହିତ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ ଓଡ଼ିଶା ଚେସ୍ ଆସୋସିଏସନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସଚିବ ଦେବବ୍ରତ ଭଞ୍ଜ, ଅଲ ଇଣ୍ଡିଆ ଚେସ ଫେଡେରେସନ ଯୁଗ୍ମ ସଚିବ ରଞ୍ଜନ ମହାନ୍ତି ପମୁଖ ଯୋଗଦେଇ ଖେଳାଳି ଏବଂ ସେମାନଙ୍କ ଅଭିଭାବକଙ୍କ ରହିବା ଖାଇବା ଆୟୋଜନକୁ ଖୁବ ପ୍ରଂଶସା କରିଥିଲେ। ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଚ୍ଛିକାର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ଼. ଗଗନେନ୍ଦୁ ଦାଶ ଧନ୍ୟବାଦ ଦେଇଥିଲେ।

## ୨ଟ୍ରକ୍ ମଧ୍ୟରେ ଧକ୍କା, ଜଣେ ମୃତ ଜଣେ ଗୁରୁତର

ଚଣ୍ଡିଖୋଲ,୧୬।୫(ପିଏନ):ଆଜି ସକାଳ ୮ଘଟିକା ସମୟରେ ୧୬ନଂ ଜାତୀୟ ରାଜପଥ ବଡ଼ଚଣା ଥାନା ନିକଟରେ ୨ଟି ଟ୍ରକ୍ ଧକ୍କା ହେବା ଫଳରେ ଜଣେ ଚାଳକ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ସମୟରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛି। ଘଟଣାରୁ ପ୍ରକାଶ ଓଡ଼ି.୦୫ଆର ୭୨୮୫ ଓ ଓଡ଼ି୦୯ଇ୩୩୮ ଗୋଟିଏ ଦିଗରେ ଯାଉଥିବା ସମୟରେ ଆଗ ଟ୍ରକ୍‌ଟି ହଠାତ୍ ବ୍ରେକ୍ ମାରିବା ଫଳରେ ପଛ ଟ୍ରକଟି ଆଗ ଟ୍ରକ୍‌ରେ ଜୋରରେ ପିଟି ହୋଇଥିଲା ଫଳରେ ଆଗ ଟ୍ରକ୍‌ର ଚାଳକ ଖସି ପଡ଼ିଥିଲା ଫଳରେ ଟ୍ରକ୍‌ର ଚକା ଚଢିଯିବା ଫଳରେ ଘଟଣା ସ୍ଥଳରେ ସଙ୍କଶଣ ଜେନା(୪୦)ଙ୍କର ମୃତ୍ୟୁ ହୋଇଥିଲା। ପଛ ଟ୍ରକ୍‌ର ଚାଳକ ପବିତ୍ର ବେହେରା ଚାପି ହୋଇ ରହିଥିଲେ। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶ୍ରମ କର୍ମଚାରୀମାନେ ଗ୍ୟାସ କଟରରେ କାଟି ଚାଳକ ପବିତ୍ରକୁ ବାହାର କରି ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମୃତ ଚାଳକର ପରିଚୟ ଜଣାପଡୁନଥିଲା ବେଳେ ଶବଟି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଅଛି।

# ଚନ୍ଦ୍ରଶେଖର ଦାସବର୍ମାଙ୍କ ଦେହାନ୍ତ



ଭୁବନେଶ୍ୱର,୧୬।୫(ପି.ଏନ): କଥାଶିଳ୍ପୀ ଶ୍ରୀ ଚନ୍ଦ୍ରଶେଖର ଦାସବର୍ମାଙ୍କର ସ୍ଥାନୀୟ ଏକ ଘରୋଇ ମେଡ଼ିକାଲରେ ପରଲୋକ ହୋଇଯାଇଛି। ସେ ମାର୍ଚ୍ଚ ୧, ୧୯୪୫ ମସିହାରେ କଟକସ୍ଥ ଥୋରିଆ ସାହିରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁ ସମୟରେ ତାଙ୍କର ଧର୍ମପତ୍ନୀ, ପୁଅ, ବୋହୂ, ନାତୁଣୀ, ଝିଆରୀ, ପୁତୁରା ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କର ଶେଷକୃତ୍ୟ ସତ୍ୟନଗର ଶ୍ମଶାନରେ ସମ୍ପନ୍ନ ହୋଇଥିଲା। ୧୯୭୦ରୁ ଏଯାବତ୍ ଦୀର୍ଘ ବୟାଳିଶ ବର୍ଷର ନିରବଚ୍ଛିନ୍ନ ସାହିତ୍ୟ ସାଧନାରେ ବ୍ରତୀ ଥିବା ଚନ୍ଦ୍ରଶେଖର ଦାସବର୍ମା ଲେଖିଛନ୍ତି ୨୫୦ରୁ ଅଧିକ ଗଳ୍ପ। ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ - ଅନ୍ୟ ମଣିଷ, ତୁଠ ନୂଆ ପୁରୁଣା, ସଂପର୍କ, ଅନ୍ୱେଷଣ, ପାଷାଣୀ କନ୍ୟା, ମେଘୁଆ ଆକାଶ, ଇନ୍ଦ୍ରଧନୁ, ମୋପାସା ରେଷ୍ଟୋରାଁ, ଏକ ଯନ୍ତ୍ର ସ୍ୱର ଅନେକ, ସ୍ୱପ୍ନର ସହର, ବୋମା, ଝଡ଼ ଓ ଅନ୍ୟାନ୍ୟ ଗପ, ଉଜୁଡ଼ା ଘରର ନକ୍ସା, ପ୍ରେମ ଓ ସୁନାମି, ଗଳ୍ପ ସମଗ୍ର - ୧, ଗଳ୍ପ ସମଗ୍ର - ୨, ଗଳ୍ପ ସମଗ୍ର-୩। ଏତଦ୍‌ବ୍ୟତୀତ ନଅଟି ଅନୁବାଦ ପୁସ୍ତକ, ତିନୋଟି ନାଟ୍ୟ ସଂକଳନ, ଗୋଟିଏ ପ୍ରବନ୍ଧ ଓ ଗୋଟିଏ ଆଲୋଚନା ଗ୍ରନ୍ଥ ରଚନା କରିଛନ୍ତି। ସ୍ୱର୍ଗତ ଦାସବର୍ମା ତା ୧୫.୯.୨୦୦୪ରିଖରୁ ତା ୩୦.୪.୨୦୦୬ରିଖ ପର୍ଯ୍ୟନ୍ତ ସଚିବ ଭାବେ ଏବଂ ତା ୯.୫.୨୦୦୮ରିଖରୁ ତା ୮.୫.୨୦୧୦ରିଖ ପର୍ଯ୍ୟନ୍ତ ଉପସଭାପତି ପଦରେ ରହିଥିଲେ। ଓଡ଼ିଆ ସାହିତ୍ୟରେ ଲେଖନୀ ଚାଳନା କରିଥିବା ଶ୍ରୀଯୁକ୍ତ ଦାସବର୍ମା ସାହିତ୍ୟ ପତ୍ରିକାର ସଂପାଦକ ଭାବେ ମଧ୍ୟ ଓଡ଼ିଆ ପାଠକ ମହଲରେ ବେଶ୍ ପରିଚିତ। ଆଦିକବି ସାରଳା ଦାସ ସମ୍ମାନ, ଫକୀର ମୋହନ ଗଳ୍ପ ପୁରସ୍କାର, ଉପେନ୍ଦ୍ର ଭଞ୍ଜ ପୁରସ୍କାର, ଚିନ୍ତା ଓ ଚେତନା ପୁରସ୍କାର, ଗୋକର୍ଣ୍ଣିକା ପୁରସ୍କାର ଓ ଜୀବନ ରଙ୍ଗ ପୁରସ୍କାର ଭଳି ବହୁ ପୁରସ୍କାରରେ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ। କଥାକାର, ତ୍ରିବେଣୀ, ଅଧୁନା ଓ ପୂନେଇଁ ଜହ୍ନ ଭଳି ପ୍ରତିଷ୍ଠିତ ପତ୍ରିକାମାନଙ୍କରେ ସଂପାଦନା କରି ସେ ତାଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରୀତିର ପ୍ରମାଣ ରଖିଯାଇଛନ୍ତି। ପ୍ରଖ୍ୟାତ ହିନ୍ଦୀ ଲେଖକ କ୍ରିଷନ୍ ଚନ୍ଦରଙ୍କ "ଗୋଟିଏ ଗଧର ଆତ୍ମକଥା" ଲାଗି ସେ କେନ୍ଦ୍ର ସାହିତ୍ୟ ଅକାଦେମି ଅନୁବାଦ ପୁରସ୍କାର ଲାଭ କରିଛନ୍ତି। ୨୦୧୪ ମସିହାରେ ତାଙ୍କ ଗଳ୍ପ ସଂକଳନ "ଝଡ଼ ଓ ଅନ୍ୟାନ୍ୟ ଗଳ୍ପ" ସଂସ୍କୃତରେ ଅନୁବାଦିତ ହୋଇ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଲାଭ କରିଛି। ଶ୍ରୀଯୁକ୍ତ ଦାସବର୍ମା ଜଣେ ଦକ୍ଷ ଯନ୍ତ୍ରୀ ଭାବେ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରି ମୁଖ୍ୟ ଯନ୍ତ୍ରୀ ଭାବେ ଅବସର ଗ୍ରହଣ କରିଥିଲେ।

## ରଞ୍ଜିତ ସାମନ୍ତରାୟ ଆମରି ସତ୍ୟ ସାମ୍ବାଦିକତା ସମ୍ମାନରେ ସମ୍ମାନୀତ

ଖୋର୍ଦ୍ଧା,୧୬।୫: ଆମରିସତ୍ୟର ପୁସ୍ତକ ଉନ୍ମୋଚନ ଏବଂ ସମ୍ବର୍ଦ୍ଧନା ଉତ୍ସବ ବିଶ୍ୱମିତ୍ର ଜନସେବା ଟ୍ରଷ୍ଟ ପରିସରରେ ଡ.ପ୍ରସନ୍ନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟଅତଥି ଏବଂ ଉତର ଓଡିଶା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବରେ ଯୋଗଦେଇ ଯୁବ ସାମ୍ବାଦିକ ରଞ୍ଜିତ କେଶରୀ ନରେନ୍ଦ୍ର ସାମନ୍ତରାୟ 'ସକାଳ' ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧିଙ୍କୁ 'ଆମରି ସତ୍ୟ ସାମ୍ବାଦିକତା ସମ୍ମାନ'ରେ ସମ୍ମାନୀତ କରି ତାଙ୍କର ନିରପେକ୍ଷତା ଏବଂ ତ୍ୱରିତ ସମ୍ବାଦ ପ୍ରକାଶନକୁ ପ୍ରଶଂସା କରିଥିଲେ।ଏହି ଉତ୍ସବରେ ବିଶିଷ୍ଟ ବିଜ୍ଞାନ ଗବେଷକ ଡ. ପ୍ରହଲ୍ଲାଦ ନାୟକ, ଆମରିସତ୍ୟ ର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ, ସମାଜସେବୀ ରାମଶଙ୍କର ଏବଂ ଐତିହାସିକ ସତ୍ୟବାଦୀ ବଳିଆରସିଂ ପ୍ରମୁଖ ଯୋଗଦେଇ ସାମ୍ବାଦିକତାରେ ନିରପେକ୍ଷତା ସମାଜକୁ ଶୃଙ୍ଖଳିତ କରିବାରେ ସାହାର୍ଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ।

## ଉଦାସ ଆଶ୍ରମର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଉଦ୍‌ଯାପିତ



ଚଣ୍ଡିଖୋଲ,୧୬।୫(ପିଏନ):ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଛତିଆ ସୋଲର ସ୍ଥିତ ଉଦାଶ ଆଶ୍ରମ ପରିସରରେ ଆଶ୍ରମର ବାର୍ଷିକ ଉତ୍ସବ ଓ ପଂଚଦିବସୀୟ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କଳାସାଧିବାସ, ଅଙ୍କୁରାରୋପଣ, ଠାକୁର ଉଦାସ ଯମୁନା ଦାସ ଓ ମହାପ୍ରଭୁ ଜଗନ୍ନାଥଙ୍କର ଷୋଡଷ ଉପଚାର ପୁଜା ସମେତେ ସୁର୍ଯ୍ୟପୁଜା, ଗୋପୁଜା, ଯଜ୍ଞ ଆହୁତି, ଗୁରୁପୁଜା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ପ୍ରତେହ ସନ୍ଧ୍ୟାରେ ପାଲା, ଦାସକାଠିଆ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ସନ୍ଥ ପୁଜନ, ସତ୍ ସଙ୍ଗ ଓ ଆୟୁରବେଦିକ୍ ଔଷଧ ବିତରଣ କରାଯାଇଥିଲା। ଏଥିରେ ସନ୍ଥ ଗିରିରାଜ ପର୍ବତ, ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି, ବାବା ଶ୍ରୀରାମ ଦାଶ, ଉଧବ ବାବା, ଜଗନ୍ନାଥ ବାବା, ତୋଫାନୀ ବାବା ସମେତ ବହୁ ସାଧୁ ସନ୍ଥ ଏବଂ ଦର୍ପଣ ତହସିଲଦାର ପ୍ରଦୀପ୍ତ କୁମାର ସେଠୀ, ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ପୂର୍ବତନ ସୁଚନା କମିଶନର ଜଗଦାନନ୍ଦ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ସରୋଜ କୁମାର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଅଜିତ ତ୍ରୀପାଠୀ, କରୁଣାକର ଜେନା ପ୍ରମୁଖ ଯୋଗ ଦେଇଥିଲେ। ମହାଯଜ୍ଞ କାର୍ଯ୍ୟ ଆଚାର୍ଯ୍ୟ ଖଗେଶ୍ୱର ରଥ, ଗୟାଧର ପଣ୍ଡା, ନୀଳମଣୀ ପଣ୍ଡା କରିଥିଲା ବେଳେ ଡ଼ାକ୍ତର ନନ୍ଦିତା ବେହେରା ଓ ଡ଼ାକ୍ତର କାଂଚନବାଳା ସିଂ ଆୟୁବେଦିକ୍ ଔଷଧ ବିତରଣ କରିଥିଲେ। ଆଶ୍ରମ ସେବକ ସତ୍ୟରଂଜନ ଦାସ ପରିଚାଳନା କରିଥିଲେ। ଉଦାଶ ପନ୍ଥି ସୁଧାଂଶୁ ଶେଖର ନାୟକ, ଜଗବନ୍ଧୁ ସାହୁ, ମହେଶ୍ୱର ପୃଷ୍ଟି, ଜୟନ୍ତ ସେନ, ଗୌତମ ସ୍ୱାଇଁ, ସାରଦାକାନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅନ୍ତିମ ଦିବସରେ ଯଜ୍ଞକର୍ତା ଦେବେନ୍ଦ୍ର ସାହୁଙ୍କ ଉପସ୍ଥିତିରେ ପୂର୍ଣ୍ଣାହୃତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

## ପଞ୍ଚମ ବାର୍ଷିକ ଅଷ୍ଟ ପ୍ରହର ଭାଗବତ ନାମ ଯଜ୍ଞ

ଖୋର୍ଦ୍ଧା, ୧୬/୫(ପିଏନ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକମା ଗ୍ରାମର ମା କୋଶଳା ଶୁଣୀ ମନ୍ଦିର ନିକଟସ୍ଥ ବ୍ରହ୍ମ ଅବଧୂତ ଭାଗବତ ଶୂନ୍ୟ ଆଶ୍ରମ ପରିସରରେ ପଞ୍ଚମ ବାର୍ଷିକ ଅଷ୍ଟ ପ୍ରହର ଭାଗବତ ନାମ ଯଜ୍ଞ ଓ ସାଧୁ ମେଳା ଧନୀ ବାବାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଅଷ୍ଟ ପ୍ରହର ନାମ ଯଜ୍ଞରେ ୧୦ ଗୋଟି ଗୋଟି ମେଳ ଯଥା ଆରିକମା, କେନ୍ଦୁପଲି, ବାଳସିଂ, ଘିରଗଗହୀରଗାଡ଼ିଆ, ପାଥପୁର, ମଣିପୁର, ସୁନାଖଳା, କରଡାପଲ୍ଲୀ ଓ ନୂଆଗାଁ ଦଳ ଅଂଶ ଗ୍ରହଣ କରିଥିଲେ ।ଏଥିରେ ବାବା ରମେଶ ପଣ୍ଡା,ଶରତ ବାରିକ,ଶ୍ୟାମ ସୁନ୍ଦର ପ୍ରତାପ ସିଂ,ଅନିଲ କୁମାର ସାହୁ, ରମେଶ ବେହେରା, ହାଡୁ ପରିଡା ଓ ଭାଗିରଥି ବରାଳଙ୍କ ସମେତ ବହୁ ବ୍ୟକ୍ତି ସହଯୋଗ କରିଥିଲେ ।

## ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦର ଅଫିସ୍ ଗୃହ ନିମନ୍ତେ ଭୂମି ପୂଜନ



ଭୁବନେଶ୍ୱର, ୧୬।୫(ପି.ଏନ): ଆଜି ପ୍ରାତଃ ଘ ୧୦.୩୦ ମିନିଟ୍ ସମୟରେ ସ୍ଥାନୀୟ ପାଇକରାପୁର ଠାରେ ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦର ରାଜ୍ୟ କାର୍ଯ୍ୟାଳୟ ନିମନ୍ତେ ଭୂମିପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟଙ୍କ କରକମଳରେ ସମାପନ ଭୂମିପୂଜନ କାର୍ଯ୍ୟରେ ପରିଷଦର ସଭାପତି ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାୟକ, ଉପସଭାପତି ଗୋପୀନାଥ ନାୟକ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ନାୟକ, ସାଧାରଣ ସମ୍ପାଦକ ଅଶୋକ କୁମାର ନାୟକ, ସହ-ସମ୍ପାଦକ ପ୍ରମୋଦ ନାୟକ, ଭରତ ଚନ୍ଦ୍ର ନାୟକ, ମୁଖ୍ୟ ସଂଗଠକ ଦୀପକ ନାୟକ, ସଂଗଠନ ସମ୍ପାଦକ ସୁକାନ୍ତ ଗୋଛାୟତ, ବିକାଶ ନାୟକ, ପ୍ରଭାତ ନାୟକ, ଚନ୍ଦନ ନାୟକ, ସାଂସ୍କୃତିକ ସମ୍ପାଦକ ଶଙ୍କର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଭାକର ନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାର ନେତୃବୃନ୍ଦ ତଥା ପରିଷଦର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।ପ୍ରକାଶ ଥାଉକି ସମ୍ପୃକ୍ତ ଜମି ଉପରେ ପରିଷଦ ପକ୍ଷରୁ ଗତ ତିନିବର୍ଷ ହେବ ପତାକା ଉତ୍ତୋଳନ କାର୍ଯ୍ୟ ଓ ସଭାସମିତିମାନ କରାଯାଇଆସୁଅଛି ଓ ପରିଷଦ ନାମରେ ଏକ ଫଳକ ଲଗାଯାଇଅଛି।

## ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳିତ



ଚଣ୍ଡିଖୋଲ,୧୬/୫(ପି.ଏନ୍)-ଆଜି ପବିତ୍ର ବୁଦ୍ଧ ଜୟନ୍ତୀ ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଣ୍ଡିଖୋଲ ପକ୍ଷରୁ ପାଳିତ ହୋଇ ଯାଇଅଛି। ଚଣ୍ଡିଖୋଲ ଛକସ୍ଥିତ ଭଗବାନ୍ ବୁଦ୍ଧ ପ୍ରତିମୂର୍ତି ନିକଟରେ ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଆଇନଜୀବୀ ଆଶିଷ ମହାପାତ୍ର, ସଂପାଦକ ଭାରତ ଭୂଷଣ ପଣ୍ଡା, ସାମ୍ବାଦିକ ଶିବରାମ ସାହୁ, ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ ପ୍ରତାପ ଗୋଚ୍ଛାୟତ, ଭବତୋଷ ବିଶ୍ୱାଳ, ମାନସ ରାଉତ, ବସନ୍ତ ପଲେଇ, ସୁରେଶ ଖଣ୍ଡାୟୀ, ହେମଶ୍ ଜେନା, ରଘୁନାଥ ଜେନା, ବଡ଼ଚଣା ବ୍ଲକ୍ କଂଗ୍ରେସ୍ ସଭାପତି ଉମେଶ ଚନ୍ଦ୍ର ଜେନା, କାତିକ ଜେନାଳ ପ୍ରମୁଖ ଉପସ୍ଥିତ ରହି ଭଗବାନ୍ ବୁଦ୍ଧଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦ୍ୱୀପ ଉଜ୍ଜଳନ କରିଥିଲେ। ଭଗବାନ୍ ବୁଦ୍ଧଙ୍କ ନିତୀ, ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ସମସ୍ତେ ପ୍ରୟାସ କରିବାକୁ ଆବଶ୍ୟକତା ରହିଛି। ସମାଜରେ ସମସ୍ତେ କାମ, କ୍ରୋଧ, ମୋହ, ହିଂସାକୁ ପରିତ୍ୟାଗ କରି ଆଜିର ଯୁବ ସମାଜ ଭଗବାନ୍ ବୁଦ୍ଧଙ୍କ ଅଲୌକିକ ଚିନ୍ତାଧାରାରେ ଆଗେଇ ଆସିଲେ ରାଜ୍ୟରେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ସଂପାଦକ ଶ୍ରୀ ପଣ୍ଡା ଆହ୍ୱାନ ଦେଇଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES for Std I to Std V Timing: 5 PM to 6.30 PM

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray